# Odisha Legislative Assembly

(ନବମ ଅଧିବେଶନ )

## ୨୮ ମାର୍ଚ୍ଚ ୨୦୨୨

----

**[ମୁଖ୍ୟ ମନ୍ତ୍ରୀ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ଅବକାରୀ - ଇସ୍ପାତ ଓ ଖଣି - ସ୍ୱରାଷ୍ଟ୍ର - ନିର୍ମାଣ ଅର୍ଥ ].**

**ମୋଟ ପ୍ରଶ୍ନର ସଂଖ୍ୟା - 121**

----

### ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ବ୍ୟୟ

115 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜୟଦେବ ନିର୍ବାଚନମଣ୍ଡଳୀରେ କି କି ପ୍ରକାର ନିର୍ମାଣ କାର୍ଯ୍ୟ ଚାଲିଛି ଓ କେତେ ଟଙ୍କା ବ୍ୟୟରେ ତାହା ଜଣାଇବେ କି ?

----

### କେସର ଚାର୍ଜସିଟ୍ ପ୍ରଦାନ କରିବା

116 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ 2018-19, 2019-20, 2020-21 ରେ ମୋଟ କେତେ ନାରୀ ହତ୍ୟା, ଯୌତୁକଜନିତ ହତ୍ୟା, ଧର୍ଷଣ ଏବଂ ନାରୀ ନିର୍ଯାତନା ହୋଇଛି ଏହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; (ଖ) ଏହି ସମସ୍ତ ନାରୀ ହତ୍ୟା, ଯୌତୁକଜନିତ ହତ୍ୟା, ଧର୍ଷଣ ଓ ନାରୀ ନିର୍ଯାତନାରେ ମୋଟ କେତେ କେସରେ ଚାର୍ଜସିଟ୍ ହୋଇଛି ଓ କେତେ କେସରେ ମୁଦାଲାଙ୍କୁ କୋର୍ଟରେ ସଜା ହୋଇଛି ଏବଂ କେଉଁ ସମୟ ସୀମା ଭିତରେ ସରକାର ଏହି ସମସ୍ତ କେସରେ ଚାର୍ଜସିଟ୍ ପ୍ରଦାନ କରିବେ କି?

----

### ପ୍ରିମିୟମ ଦ୍ୱାରା କମ୍ପାନୀକୁ Mines ନିଲାମ ଦେବା

117 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ 2020-21 ଏବଂ 2021-22 ରେ ରାଜ୍ୟ ସରକାର କେତେଗୋଟି Iron, Chrome, Manganese Mines କେତେ ଟଙ୍କା ପ୍ରିମିୟମରେ କେଉଁ କେଉଁ Mines କେଉଁ କେଉଁ କମ୍ପାନୀକୁ ନିଲାମରେ ଦେଇଛନ୍ତି ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି Mines ଗୁଡାକରୁ JSW-Jajang ଖଣି ଏବଂ JSPL କାସିଆ ଖଣିରୁ ବହୁ ପରିମାଣରେ ଉଚ୍ଚ ଶ୍ରେଣୀର Iron, Manganese ଖନନ କରି ଅଧିକ Mineral ପରିବହନ କରି କମ୍ Mineral ର TP କଟେଇ ବହୁ ପରିମାଣରେ ଦୁର୍ନିତୀ କରୁଥିବା ସରକାର ଜାଣନ୍ତି କି ?

----

## ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ କାର୍ଯ୍ୟକାରୀ

118 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ː**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଯଥା- ବେସିକ ପେ+ ଗ୍ରେଡ ପେ+ ଡିଏ ଏବଂ ୱାସିଂ ଆଲାଉନ୍ସକୁ ମିଶାଇ 125% ହିସାବରେ ଦରମା ପ୍ରଦାନ କରିବା ପାଇଁ ପୂର୍ବତନ ଗୃହରକ୍ଷୀ ଅଧିକାରୀ ଡିଜି ବିନୟ କୁମାର ବେହେରା ରାଜ୍ୟ ସରକାରଙ୍କୁ ସୁପାରିଶ ପତ୍ର (ଏମ୍.228-216/4142 ଏଚ୍.ଜି. ତା.10.11.2016 ରିଖ) ପ୍ରଦାନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନହେବାର କାରଣ କଣ ; ଗୃହରକ୍ଷୀମାନଙ୍କ ଦାବୀ ତଥା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ କେବେ ସୁଦ୍ଧା ପାଳନ କରିବେ ତଥ୍ୟ ରଖିବେ କି?

----

## Service Provider ଦ୍ୱାରା ନିଯୁକ୍ତି

120 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ Service Provider ଭାବରେ ସରକାରଙ୍କ ଦ୍ୱାରା ମନୋନୀତ ହୋଇ କେଉଁ ନାମରେ କେତୋଟି ସଂସ୍ଥା, କେଉଁ ଜିଲ୍ଲାରେ କେଉଁ ଶ୍ରେଣୀରେ କେତେ ଜଣ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ଦେବେ, ଚାକିରୀର ସର୍ତ୍ତାବଳୀ କ'ଣ, ଏହାର ସବିଶେଷ ବିବରଣୀ ସରକାର ଉପସ୍ଥାପନ କରିବେ କି ?

----

## 50% ରୁ କମ ଖର୍ଚ୍ଚ କରିଥିବା ବିଭାଗ

121 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା)ː**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- 50% ରୁ କେଉଁ କେଉଁ ବିଭାଗ Less ଖର୍ଚ୍ଚ କରିଅଛନ୍ତି, ବିଭାଗୱାରୀ ତାଲିକା ଦେବେ କି ?

----

## OPSC ଦ୍ୱାରା ଡାକ୍ତର ନିଯୁକ୍ତି

122 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) OPSC ଦ୍ୱାରା ନିକଟରେ ଅନୁମୋଦିତ 763 ଜଣ ଡାକ୍ତରଙ୍କ ନିଯୁକ୍ତି ଭିତରୁ କେତେ ଜଣ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରେ Join କରିଛନ୍ତି, ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) ଆବଶ୍ୟକତାକୁ ଆଖି ଆଗରେ ରଖି Doctor ମାନଙ୍କ Adhoc appointment କରିବେ କି ?

----

## ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ

123 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଅବସର ଗ୍ରହଣ ଦିନ ସରକାରୀ କର୍ମଚାରୀମାନଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ମଞ୍ଜୁର ପାଇଁ ସରକାରଙ୍କ ଯୋଜନା ଅଛିକି, ଉତ୍ତର ହଁ ହେଲେ ଏହା କେବେଠାରୁ କାର୍ଯ୍ୟକାରୀ କରାଯିବ ?

----

## ସ୍ୱାସ୍ଥ୍ୟ ଶିକ୍ଷା ଓ ସେବା ଭିତ୍ତିଭୂମିର ଉନ୍ନୟନ

124 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ମେଡିକାଲ୍ କଲେଜ ଓ ହସ୍ପିଟାଲର ସ୍ୱାସ୍ଥ୍ୟ ଶିକ୍ଷା ଓ ସେବା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖାଲିଥିବା ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ

125 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ସହ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର କେଉଁ ସରକାରୀ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଓ ଡାକ୍ତର ଏବଂ ଅନ୍ୟ ବର୍ଗର କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହାର ଡାକ୍ତରଖାନାୱାରୀ ତାଲିକା ଦର୍ଶାଇ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କୋଷାଗାରରେ ଖାଲି ପଦବୀ ପୂରଣ

126 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ः**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟର କେଉଁ କୋଷାଗାରରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି ପ୍ରକାଶ କରି ସମସ୍ତ ପଦବୀ ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଖାଲି ପଦବୀ ପୁରଣ

127 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ କେଉଁ ବିଭାଗରେ ମଂଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଏହା ପୁରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପ୍ରତିଶୃତିର ଉତ୍ତର ପ୍ରଦାନ ସଂପର୍କରେ

128 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଷୋଡଶ ବିଧାନସଭାର ତା. 22.02.2021ର ଅଣତାରକା ପ୍ରଶ୍ନ ସଂଖ୍ୟା 463 ଓ ତା. 22.3.2021 ର ଅଣତାରକା ପ୍ରଶ୍ନ ସଂଖ୍ୟା ୨୪୭୬ ର ତଥ୍ୟ ସରକାରଙ୍କ ପାଖରେ ଉପଲବ୍ଧ କି ଯଦି ଉପଲବ୍ଧ ସରକାର ପ୍ରତିଶୃତି ଅନୁଯାୟୀ ସବିଶେଷ ତଥ୍ୟ ସହ ଉତ୍ତର ଉପସ୍ଥାପନ କରିବେକି?

----

## ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

129 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରୁ ବିଗତ ତିନି ବର୍ଷରେ ଅବସର ନେଇଥିବା କେତେଜଣ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀଙ୍କ ପୂର୍ଣ୍ଣାଙ୍ଗ ପେନସନ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ମଂଜୁର ହୋଇପାରିନାହିଁ ପ୍ରକାଶ କରି ଏହା ତୁରନ୍ତ ମଂଜୁରୀ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ରାଜ୍ୟରେ ଅପରାଧ ମାମଲା

130 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- 2020 ତୁଳନାରେ 2021ରେ ରାଜ୍ୟରେ ଅପରାଧ ମାମଲା ସଂଖ୍ୟା କେତେ କମିଛି କିମ୍ବା ବଢିଛି, ସେଥିରେ ବଳାତ୍କାର, ମହିଳା ଚାଲାଣ ଅପହରଣ ସମେତ ବିଭିନ୍ନ ମହିଳା ବିରୋଧି ହିଂସା ମାମଲା କେତେ, ମହିଳା ବିରୋଧି ହିଂସା ମାମଲାରେ ତଦନ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ ଏବଂ ଦଣ୍ଡବିଧାନ ହାର କେତେ ସବିଶେଷ ତଥ୍ୟ ଦେବେକି?

----

## ନିଖୋଜ ମହିଳା ଓ ଶିଶୁ ଉଦ୍ଧାର

131 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରୁ ଗତ 5 ବର୍ଷରେ କେତେ ମହିଳା, ନାବାଳିକା ଓ ଶିଶୁ ଚାଲାଣ କିମ୍ବା ନିଖୋଜ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଉଦ୍ଧାର କରାଯାଇଛି ; ଏଭଳି ଅପରାଧକୁ ରୋକିବା ନିମନ୍ତେ ରାଜ୍ୟରେ 25 ଟି Integrated Anti-human Trafficking unit କାର୍ଯ୍ୟକ୍ଷମ ଥିବା ସତ୍ତ୍ୱେ ଏହି ମାମଲାରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ରହି ଅପଯଶ ମୁଣ୍ଡାଇବାର କାରଣ କଣ; ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାରସହ ଏଭଳି ଅପରାଧର ନିରାକରଣ ଦିଗରେ ଠୋସ ପଦକ୍ଷେପ କ'ଣ ଜଣାଇବେ କି ?

----

## NAC ରାସ୍ତାକୁ R & B କୁ ହସ୍ତାନ୍ତର

132 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର NAC ଅଧିନରେ ଥିବା ଉପର ମଣିନାଗ ରାସ୍ତାଟିକୁ ରଣପୁର NAC ଅଧିନରୁ R & B Deptt. କୁ ହସ୍ତାନ୍ତର କରିବାପାଇଁ Empowerment Committee ରେ Pass କରାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ଉକ୍ତ ରାସ୍ତାର Guard Wall, Drain, Protection Wall ନିର୍ମାଣ କରିବାପାଇଁ estimate କରି ଦିଆଯାଇଥିଲେ ମଧ୍ୟ ଉପରୋକ୍ତ କାର୍ଯ୍ୟମାନ ହୋଇ ନଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟି Tourist ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି, ଏଣୁ ଉକ୍ତ ରାସ୍ତାଟିକୁ ରଣପୁର NAC ରୁ R & B Deptt. କୁ ହସ୍ତାନ୍ତର କରିବା ସହିତ ଉପରୋକ୍ତ କାର୍ଯ୍ୟଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାପାଇଁ ନିର୍ଦ୍ଦେଶ ଦେବେ କି ?

----

## Hospital ଶଯ୍ୟା ସଂଖ୍ୟା ବୃଦ୍ଧି

133 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦପୁରସ୍ଥିତ ବସନ୍ତମଞ୍ଜରୀ ସ୍ୱାସ୍ଥ୍ୟ ନିବାସ 100 ଏକର ଜମି ଉପରେ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତି ଏଠାରେ ଯଥେଷ୍ଟ ଭିତ୍ତିଭୂମି ଥିବାରୁ ସରକାର ଏହାକୁ 300 ଶଯ୍ୟା ବିଶିଷ୍ଟ General Hospital କରିବା ପାଇଁ ଘୋଷଣା କରିବାପରେ ମାନ୍ୟବର ମୁଖ୍ୟମନ୍ତ୍ରୀ 2014 ମସିହା ଫେବୃୟାରୀ ମାସରେ ଚାନ୍ଦପୁରଠାରେ 300 ଶଯ୍ୟା ବିଶିଷ୍ଟ ଜେନେରାଲ ହସ୍ପିଟାଲର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ଏବଂ 5 କୋଟି ଟଙ୍କା ଖର୍ଚ୍ଚରେ ଏହାର ପୁନରୁଦ୍ଧାର ଏବଂ Up-gradation କରାଯାଇଥିଲା ମାତ୍ର ଏ ପର୍ଯ୍ୟନ୍ତ Notification ହୋଇ ନଥିବାରୁ ହସ୍ପିଟାଲକୁ ବିଶେଷ ସୁବିଧା ମିଳିପାରୁନାହିଁ ଏଣୁ Notification କରି ବସନ୍ତମଞ୍ଜରୀ ସ୍ୱାସ୍ଥ୍ୟ ନିବାସକୁ 300 ଶଯ୍ୟା ବିଶିଷ୍ଟ General Hospital ର ମାନ୍ୟତା ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## ଅପରାଧିକ ଆତ୍ମହତ୍ୟା ବୃଦ୍ଧି

134 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଏନସିଆରବି ତଥ୍ୟ ଅନୁସାରେ ଓଡ଼ିଶା ଭଳି ଅପେକ୍ଷାକୃତ ଶାନ୍ତିପ୍ରିୟ ତଥା ମଧ୍ୟମ ବର୍ଗର ରାଜ୍ୟରେ ବର୍ଷକୁ ବର୍ଷ ଅପରାଧିକ ମାମଲା, ଆତ୍ମହତ୍ୟା ସଂଖ୍ୟା ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ସଂକ୍ରାନ୍ତରେ ଯଦି ସରକାରୀ କିମ୍ବା ଅନ୍ୟ କୌଣସି ସ୍ତରରେ ସାମାଜିକ ଅର୍ଥନୈକିତ ଅନୁଧ୍ୟାନ, ବିଶ୍ଳେଷଣ ହୋଇଛି ସେ ନେଇ ବିବରଣୀ ଉପସ୍ଥାପନ କରିବେ କି; ଯଦି ହୋଇନାହିଁ, ସେଭଳି ସାମାଜିକ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ଅନୁଧ୍ୟାନ, ବିଶ୍ଳେଷଣ କରିବେ କି; ରାଜ୍ୟରେ କେତେ ଛାତ୍ରଛାତ୍ରୀ, ବେକାର ଯୁବକ ଯୁବତୀ, ଚାଷୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ପ୍ରତିବର୍ଷ ଆତ୍ମହତ୍ୟା କରୁଛନ୍ତି ଏବଂ କେଉଁ ବର୍ଗରୁ କେତେ ବ୍ୟକ୍ତି କେଉଁ ଧରଣର ଅପରାଧର ଶିକାର ହେଉଛନ୍ତି, ସେସବୁ ସମ୍ପର୍କରେ ଗତ 5 ବର୍ଷର ଜିଲ୍ଲା ଓ ବର୍ଷୱାରୀ ତଥ୍ୟ ଦେବେ କି ?

----

## ଦୁଷ୍କର୍ମ, ଅପହରଣ ଓ ଯୁବତୀ ଚାଲାଣ ରୋକିବାରେ ବିଫଳ

135 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଦୀର୍ଘ ବର୍ଷଧରି ଶାନ୍ତିପ୍ରିୟ ରାଜ୍ୟଭାବେ ପରିଗଣିତ ହେଉଥିବା ଓଡ଼ିଶାରେ କେଉଁ କେଉଁ ସାମାଜିକ ଓ ଆର୍ଥିକ କାରଣଗୁଡ଼ିକ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତିରେ ଦ୍ରୁତ ଅବନତି ସହିତ ଅପରାଧିକ କାର୍ଯ୍ୟକଳାପ, ଅସାମାଜିକ ତତ୍ତ୍ୱ ବୃଦ୍ଧି ପାଉଛି ଯେ ଉତ୍ତର ପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର ରାଜ୍ୟମାନଙ୍କ ଅନୁକରଣ କରି ରାଜ୍ୟ ସରକାର ଓଡ଼ିଶା ଗୁଣ୍ଡା ବିଲ ଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି ; ରାଜ୍ୟର ଏଭଳି ଅଭାବନୀୟ ସ୍ଥିତି ନେଇ କୌଣସି ଆକଳନ, ଅନୁଧ୍ୟାନ, ସର୍ଭେ ହୋଇଛି କି; ଯଦି ହୋଇଛି ତେବେ ତା'ର ବିବରଣୀ ଦେବେ କି; ଯଦି ହୋଇନାହିଁ , ତେବେ ରାଜ୍ୟ ସରକାର ହତ୍ୟା, ଦୁର୍ଷ୍କମ, ଅପହରଣ, ଯୁବତୀ ଚାଲାଣ, ରାଜନୈତିକ ବିଦ୍ୱେଷ ବୃଦ୍ଧି ଆଦି ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣରେ ବିଫଳ ହୋଇଥିବା ସ୍ୱୀକାର କରୁଛନ୍ତି କି ?

----

## କେନ୍ଦ୍ର ସରକାର ଦ୍ୱାରା ଅନୁଦାନ ହ୍ରାସ

136 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନିବର୍ଷରେ କେଉଁ ବିଭାଗକୁ କେନ୍ଦ୍ରସରକାର କେତେ ଅର୍ଥ ଅନୁଦାନ ହ୍ରାସ କରିଛନ୍ତି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲ ପ୍ରଦାନ

137 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲ କରିବାପାଇଁ ସରକାର ନିଷ୍ପତ୍ତି ନେଇଥିବା ପରିପ୍ରେକ୍ଷୀରେ ଏହି ନୂତନ ପ୍ରକଳ୍ପ କାର୍ଯ୍ୟ କେବେଠାରୁ ଆରମ୍ଭ ହୋଇ କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହୋଇ ଲୋକସେବାରେ ସମର୍ପଣ ହେବ ଅବଗତ କରିବେ କି ?

----

## ଜିନ୍ଦଲ କମ୍ପାନୀଦ୍ୱାରା ଶିଳ୍ପ ସ୍ଥାପନ

138 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜିନ୍ଦଲ କମ୍ପାନୀ ପକ୍ଷରୁ ରାଜ୍ୟରେ କି କି ଶିଳ୍ପ ସ୍ଥାପନ କରାଯାଇଛି, MOU ସମ୍ପାଦନ ଅନୁସାରେ ସେହି ଶିଳ୍ପାନୁଷ୍ଠାନଗୁଡିକୁ କେତେ ଖଣି ଅଞ୍ଚଳ କେଉଁଠାରେ ଯୋଗାଇ ଦିଆଯାଇଛି, ଆବଣ୍ଟିତ ଖଣି ଅଞ୍ଚଳଠାରୁ ବହୁ ଅଧିକ ଖଣି ଅଞ୍ଚଳ ଉକ୍ତ କମ୍ପାନୀ ମାଡି ବସିଥିବା ଅଭିଯୋଗ ସତ୍ୟ କି, ସରକାର ଜାଣିଶୁଣି ନୀରବ ରହିବାର କାରଣ କଣ, ଇତି ମଧ୍ୟରେ ନିର୍ଦ୍ଧାରିତ ପରିମାଣଠାରୁ ଉକ୍ତ ଶିଳ୍ପ ସଂସ୍ଥାଗୁଡିକ ବହୁ ଅଧିକ ଖଣିଜ ପଦାର୍ଥ ଉଠାଇଛନ୍ତି କି, ନିଜ ବ୍ୟବହାର ସହିତ ଅନ୍ୟକୁ ବିକୁଛନ୍ତି କି ?

----

## ଜିନ୍ଦଲ ଶିଳ୍ପ ସଂସ୍ଥାଦ୍ୱାରା ସ୍ଥାପିତ ଶିଳ୍ପାନୁଷ୍ଠାନ ଖିଲାପ

139 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ରାଜ୍ୟରେ ସ୍ଥାପିତ ଶିଳ୍ପସଂସ୍ଥାମାନେ ସେମାନଙ୍କର ଦରକାର ପଡୁଥିବା ସାମଗ୍ରୀ Ancillary Unit ଗୁଡିକରୁ କିଣିବା କଥା କି, ଏହା କାର୍ଯ୍ୟକାରୀ ହେଉଛି କି, ବିଶେଷ କରି ଜିନ୍ଦଲ କମ୍ପାନୀଦ୍ୱାରା ସ୍ଥାପିତ ଶିଳ୍ପ ସଂସ୍ଥାମାନେ ଏଥିରେ ଖିଲାପ କରୁଛନ୍ତି କି, ରାଜ୍ୟ ମଧ୍ୟରୁ ସେମାନେ ଆବଶ୍ୟକୀୟ ସାମଗ୍ରୀ ନ କିଣି ରାଜ୍ୟ ବାହାରୁ କିଣୁଛନ୍ତି କି, ସରକାର ଏଭଳି କ୍ଷେତ୍ରରେ କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପ ସଂସ୍ଥାକୁ ସୁରକ୍ଷା ନ ଦେଇ ଜିନ୍ଦଲ ପ୍ରତି ଅନୁକମ୍ପା ଦେଖାଇବାର କାରଣ କଣ ?

----

## ନୂତନ ମେଡିକାଲ College ସ୍ଥାପନ

140 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ଓ ଦେଶରେ ଆବଶ୍ୟକୀୟ ସିଟ୍ ଅଥବା ମେଡିକାଲ କଲେଜ ନଥିବାରୁ ରାଜ୍ୟର ବହୁ ପିଲା, ଡାକ୍ତରୀ ଶିକ୍ଷା ପାଇବା ପାଇଁ ଦେଶ ବାହାରକୁ ଯାଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଓ ସେମାନଙ୍କ ସଂଖ୍ୟା କେତେ, ରାଜ୍ୟରେ 400 ଶଯ୍ୟାରୁ ଅଧିକ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବହାର କରି ସରକାରୀ ଅଥବା ଘରୋଇ ଉଦ୍ୟମରେ ମେଡିକାଲ କଲେଜ ଖୋଲିବା ପାଇଁ ଚାହିଁଲେ ସରକାର ଅନୁମତି ଦେବେ କି, ଭଦ୍ରକ ଜିଲ୍ଲାରେ ଅବସ୍ଥିତ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କୁ ସରକାର ପ୍ରଭାବିତ କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସାମିଲ କରି ଏକ ମେଡିକାଲ କଲେଜ ଖୋଲିବାକୁ ପରାମର୍ଶ ଦେବେ କି, ୟୁକ୍ରେନ-ରୁଷ ଯୁଦ୍ଧ ଯୋଗୁଁ ଅଧ୍ୟୟନରତ ଶତାଧିକ ମେଡିକାଲ ଛାତ୍ରଛାତ୍ରୀ ପାଠପଢା ବନ୍ଦ କରି ନିଜ ରାଜ୍ୟ ଓଡିଶାକୁ ଫେରିଆସିଛନ୍ତି, ସେମାନେ କିପରି ଅଧ୍ୟୟନ କରି ସେମାନେ ପଢୁଥିବା କୋର୍ସକୁ ସମ୍ପୂର୍ଣ୍ଣ କରିବେ ସେଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାର ସହିତ ଆଲୋଚନା କରି ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବେ କି ?

----

## କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ଅନୁଦାନ

141 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 2021-22 ଆର୍ଥିକ ବର୍ଷରେ ଡିସେମ୍ବର 31 ତାରିଖ ସୁଦ୍ଧା କେଉଁ କେଉଁ ବିଭାଗ କେତେ ଅର୍ଥ ଖର୍ଚ୍ଚ କରି ପାରିଛନ୍ତି, ଯେଉଁ ବିଭାଗ ଶେଷ କ୍ୱାର୍ଟର ସୁଦ୍ଧା ଆବଶ୍ୟକୀୟ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି ତାର କାରଣ କଣ ଓ ସେହି ଅର୍ଥକୁ ଅନ୍ୟ ବିଭାଗକୁ ହସ୍ତାନ୍ତର କରାଯିବା ପାଇଁ ବ୍ୟବସ୍ଥା ହୋଇଛି କି, (ଖ) ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କେଉଁ କେଉଁ ବାବଦକୁ ମିଳେ, ବିଗତ 2ଟି ଆର୍ଥିକ ବର୍ଷରେ କେତେ ମିଳିବାର ଥିଲା, କେତେ ମିଳିଛି ଓ ବକେୟା ଅର୍ଥ କେନ୍ଦ୍ର ସରକାରଙ୍କଠାରୁ ପାଇବା ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## ରାଜସ୍ୱ ଆୟ ବୃଦ୍ଧି ପାଇଁ ପଦକ୍ଷେପ

142 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କରୋନାସ୍ଥିତି ପରଠାରୁ ରାଜ୍ୟରେ ରାଜସ୍ୱ ସଂଗ୍ରହରେ କେତେ ଶତାଂଶ ବିଫଳତା ହୋଇଛି ପ୍ରକାଶ କରି ଏହାର ମୁକାବିଲା ପୂର୍ବକ ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ

143 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମଙ୍ଗୁଳି, ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ କେବେସୁଦ୍ଧା ପୂର୍ଣ୍ଣାଙ୍ଗ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଚୁକ୍ତିନାମା କରିଥିବା ବେଳେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କେତେ ଶତାଂଶ ସଫଳ ହୋଇଛି ଓ ଏହା କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ଅବଗତ କରିବେ କି ?

----

## ବିଭିନ୍ନ ଜିଲ୍ଲାରେ ସାଇବର ମାମଲା

144 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- 2015-16 ରୁ 2021-22 ମଧ୍ୟରେ କେଉଁ ବର୍ଷ କେଉଁ ଜିଲ୍ଲାରେ କେତୋଟି ସାଇବର ଅପରାଧ ମାମଲା ରୁଜୁ ହୋଇଥିଲା ଏବଂ ସେଥିମଧ୍ୟରୁ କେତେଗୋଟି ମାମଲାର ତୁରନ୍ତ ସମାଧାନ ହୋଇଛି ଓ କେତେଗୋଟି ମାମଲା କେଉଁ କାରଣରୁ ସମାଧାନ ହୋଇନାହିଁ ତାର ଏକ ବର୍ଷୱାରୀ ଓ ଥାନାୱାରୀ ବିବରଣୀ ପ୍ରଦାନ କରିବେ କି, ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହାର ନିରାକରଣ ପାଇଁ ବିଭାଗ ତରଫରୁ କେଉଁ କେଉଁ ଜିଲ୍ଲାରେ କେତେଗୋଟି ସାଇବର ଥାନା ପ୍ରତିଷ୍ଠା କରାଯାଇଛି ଓ ସଂପୃକ୍ତ ସାଇବର ଥାନାରେ କେଉଁ କେଉଁ ବିଶେଷଜ୍ଞ ପଦବୀ ସୃଷ୍ଟି କରାଯାଇଛି ତାହା ପ୍ରକାଶ କରିବା ସହ ଅବଶିଷ୍ଟ କେଉଁ କେଉଁ ଜିଲ୍ଲାରେ କେବେ ସୁଦ୍ଧା ସାଇବର ଥାନା ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି ତାହା ଜଣାଇବେ କି ?

----

## Different types of mines in the State

145 **Dr. Pradeep Kumar Panigrahy (Gopalpur):**

Will the Minister for **Steel and Mines** be pleased to state that:-:- what are the different types of mines in the State, how many mines at present are in operation in each district of the State; how many mines are identified for operation and what is mining economy of the State, whether any report about cost-benefit ratio of mining economy vs public health and environment-climate change ?

----

## Tender fixing ଉପରେ କାର୍ଯ୍ୟ କାରିତା

146 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭୁବନେଶ୍ୱର ସ୍ଥିତ ପୂର୍ତ୍ତ ବିଭାଗ ଅଧିନ Central Circle ରେ କାର୍ଯ୍ୟରତ Superintendent Engineer ଙ୍କୁ works Department EIC (Civil) ଙ୍କ ଦ୍ୱାରା Division-4 ରେ tender fixing ହେଉଥିବା ଅଭିଯୋଗର ଅନୁସଂଧାନ କରିବାକୁ କେଉଁ ତାରିଖରେ Order କରାଯାଇଥିଲା ଏବଂ ଏଥିପାଇଁ ସେ କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସରକାର କେବେ ଉକ୍ତ tender fixing ରେ ଜଡିତ ଥିବା ଅଧିକାରିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ?

----

## ମାଓବାଦୀ କାର୍ଯ୍ୟକଳାପ ହ୍ରାସ

147 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଉଛି ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି କି ; ବାସ୍ତବରେ ଫଳ ଓଲଟା କି ; 2021 ବର୍ଷରେ ରାଜ୍ୟରେ କେତେ ମାଓବାଦୀ ହିଂସାକାଣ୍ଡ ଦେଖାଯାଇଥିଲା ; କେତେଜଣ ମୃତ୍ୟୁ ମୁଖରେ ପଡିଛନ୍ତି ଓ କେତେ ଧନସମ୍ପତ୍ତି ନଷ୍ଟ ହୋଇଛି ତାହାର ସ୍ପଷ୍ଟ ଚିତ୍ର ଦେବେ କି ; ଏବେ କେତେ ଜିଲ୍ଲାରେ ମାଓବାଦୀମାନେ ସକ୍ରିୟ ଅଛନ୍ତି ?

----

## ବ୍ୟାପକ ପରିମାଣର ଗଞ୍ଜେଇ ବିକ୍ରି

148 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ଗଞ୍ଜେଇ ଚାଷ, ଚାଲାଣ ଓ ବେପାର ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି କି; ଖୋଲାଖୋଲି ଭାବେ ରାଜ୍ୟରେ ଗଞ୍ଜେଇ ଚାଷ ହେଉଛି କି ; (ଖ) ଗତ ତିନି ବର୍ଷ ମଧ୍ୟରେ କେତେ ଗଞ୍ଜେଇ ଚାଷ ନଷ୍ଟ ହୋଇଛି ; କେତେ ଚାଲାଣ ବେଳେ ଧରାପଡିଛି ; କେତେ ଗାଡି ଜବତ ହୋଇଛି ; କେତେ ଜଣ ଗିରଫ ହୋଇଛନ୍ତି ; ତନ୍ମଧ୍ୟରୁ କେତେ ଜଣ ନିର୍ଦ୍ଦୋଶରେ ଖଲାସ ହେଇଛନ୍ତି ; ଚଳଚିତ୍ର ନଗରୀ ମୁମ୍ବାଇରେ ଓଡିଶା ଗଞ୍ଜେଇ ବ୍ୟାପକ ଭାବେ ବିକ୍ରି ହେଉଥିବାରୁ ଓଡିଶା ବଦନାମ ହେଉଛି କି?

----

## କରୋନା ଯୋଗୁଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ

149 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କରୋନା ମହାମାରୀ ମୁକାବିଲାରେ ସହଯୋଗ ତଥା ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କେତେ ସଂସ୍ଥା/ ବ୍ୟକ୍ତି ବିଶେଷ ଦାନ କରିଥିଲେ ; ସାମଗ୍ରୀକ ଭାବେ କେତେ ଅର୍ଥ ମିଳିଥିଲା ; ତନ୍ମଧ୍ୟରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ; କେତେ ବଳକା ଅଛି?

----

## ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନ ଦ୍ୱାରା ହିଂସା

150 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ସଦ୍ୟ ସମାପ୍ତ ତ୍ରୀସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ରାଜ୍ୟରେ କେତେ ହିଂସା ସଂଗଠିତ ହୋଇଥିଲା ; ଶାସକ ଦଳର ସଭ୍ୟ ଓ ନେତା ମାନଙ୍କର ସମ୍ପୃକ୍ତ କେତେ ଘଟଣାରେ ଅଛି ; ଜିଲ୍ଲାୱାରୀ ତଥ୍ୟ ଦେବେ କି; (ଖ) ଏହି ନିର୍ବାଚନରେ ହେରଫେର ତଥା ସିଧାସଳଖ ନିର୍ବାଚନ ପ୍ରଚାରରେ କେତେ ସରକାରୀ କର୍ମଚାରୀ/ଅଫିସର ସାମିଲ ଥିଲେ ତାହା ଦର୍ଶାଇବେ କି ?

----

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଦ୍ଧରେ ଭିଜିଲାନ୍ସ ଦ୍ୱାରା କାର୍ଯ୍ୟାନୁଷ୍ଠାନ

151 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ସରକାର ନିଜକୁ ଅତ୍ୟନ୍ତ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କହୁଥିବା ବେଳେ ରାଜ୍ୟର ସବୁଆଡେ ଭିଜିଲାନ୍ସ ଧରପଗଡ ଚାଲିଛି କି ଓ ଅଫିସରଙ୍କ ଠାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଘରୁ କୋଟି କୋଟି ଟଙ୍କା ନଗଦ ଜବତ ହେଉଛି କି ; ଗତ ତିନିବର୍ଷ ମଧ୍ୟରେ ଏପରି କେତେଜଣଙ୍କୁ ଭିଜିଲାନ୍ସ ବିଭାଗ ଧରିଛି ; କେତେ ନଗଦ ଟଙ୍କା ସହିତ ବେଆଇନ ସମ୍ପତ୍ତି ଜବତ ହୋଇଛି ଓ କେତେ ଜଣ ଗିରଫ ହୋଇଛନ୍ତି ତାହା ଦର୍ଶାଇବେ କି ?

----

### Trauma Care Hospital ପ୍ରତିଷ୍ଠା

152 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ଜେନେରାଲ୍ ହସ୍ପିଟାଲ ଜାତୀୟ ରାଜପଥ ପାର୍ଶ୍ୱରେ କଟକ ଓ ବ୍ରହ୍ମପୁର ମହାନଗରୀ ଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଏବଂ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ଜନସାଧାରଣ ଏହା ଉପରେ ନିର୍ଭର କରୁଥିବାରୁ ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲ ପରିସରରେ ଏକ Trauma Care Hospital ପ୍ରତିଷ୍ଠା କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି?

----

### B.S.K.Y Package ରେ ଅର୍ଥ ରାଶି ବୃଦ୍ଧି

153 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ ବିଭିନ୍ନ ରୋଗର ଉପଚାର ପାଇଁ BSKY ରୁ ଦିଆଯାଉଥିବା package ର ଅର୍ଥରାଶି ସମ୍ପୂର୍ଣ୍ଣ ରୋଗ ନିରାକରଣ କରିବା ପାଇଁ ଯଥେଷ୍ଟ ହେଉନଥିବାରୁ ଗରୀବ ରୋଗୀମାନେ ଜୀବନ ବଞ୍ଚାଇବା ପାଇଁ ଘରଦ୍ୱାର ବିକି ସର୍ବସ୍ୱାନ୍ତ ହୋଇ ଅର୍ଥ ଯୋଗାଡ କରୁଛନ୍ତି ; ଏଣୁ BSKY ରୁ ବିଭିନ୍ନ ରୋଗ ପାଇଁ ଦିଆଯାଉଥିବା package ର ଅର୍ଥରାଶିକୁ ବୃଦ୍ଧି କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି; ଏତଦ୍ ବ୍ୟତୀତ ବିଭିନ୍ନ ରୋଗ ପାଇଁ ରୋଗୀମାନଙ୍କୁ Govt. Hospital ରୁ refer କରି Govt. referral Hospital ମାନଙ୍କୁ ଆଣିବାକୁ କୁହାଯାଉଛି ଯାହାକି ସମୟ ସାପେକ୍ଷ ଏବଂ କଷ୍ଟକର ; ଏଣୁ ରୋଗୀମାନଙ୍କୁ ସିଧାସଳଖ Govt. referral Hospital ରେ admit କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଚିକିତ୍ସାରେ ଅବହେଳା କରୁଥିବା referral Hospital ମାନଙ୍କୁ ଦଣ୍ଡ ବିଧାନ କରିବା ପାଇଁ ପଦକ୍ଷେପ ନେବେ କି?

----

### P.H.C ପ୍ରତିଷ୍ଠା ପାଇଁ ପଦକ୍ଷେପ

154 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀର ରଣପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଠାରେ ଏକ P.H.C. ପ୍ରତିଷ୍ଠା କରିବା ପାଇଁ ପଚାରିଥିବା ପ୍ରଶ୍ନ ନଂ.378 ତା.22.02.2021 ର ଉତ୍ତରରେ ଇତି ମଧ୍ୟରେ ଦୀର୍ଘ 1 ବର୍ଷ ଅତିବାହିତ ହୋଇସାରି ଥିବାରୁ ଏ ଦିଗରେ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେବେ ସୁଦ୍ଧା ଗୋପାଳପୁର ଠାରେ P.H.C. ପ୍ରତିଷ୍ଠା କରାଯିବ କହିବେ କି?

----

## ବ୍ରିଜର ପୁନଃନିର୍ମାଣ

155 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ରାଜସୁନାଖଳା ଠାରୁ ରଣପୁର ରାସ୍ତାର ଚମ୍ପତ୍ତିପୁର ଠାରେ ବ୍ରିଟିଶ ଅମଳର ବହୁ ପୁରାତନ ବିପଦସଙ୍କୁଳ ଅବସ୍ଥାରେ ଥିବା ବ୍ରିଜର ପୁନଃନିର୍ମାଣ କରିବା ପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ହୋଇପାରୁନାହିଁ ; ନୟାଗଡ ଜିଲ୍ଲାର ଓଡଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ-ଗୋଡିପଡା ମୁଖ୍ୟ ରାସ୍ତାର ଡିମିଶର ଠାରେ ଥିବା ବ୍ରିଜଟି ଭାଙ୍ଗି ଯାଇଥିବାରୁ ଅଞ୍ଚଳବାସୀ ଯାତାୟତ କରିବା ପାଇଁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ; ଯୁଦ୍ଧକାଳୀନ ଭିତ୍ତିରେ ଉପରୋକ୍ତ ବ୍ରିଜ ଦୁଇଟିର ପୁନଃନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେବେ କି?

----

## ରଣପୁରଠାରେ ମହିଳା ଥାନା ଖୋଲିବା ପାଇଁ ପଦକ୍ଷେପ

156 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକ ଅଞ୍ଚଳର ବିଭିନ୍ନ ରାସ୍ତାଘାଟରେ ଚୋରୀ, ଡକାୟତ, ରାହାଜାନୀ, ଛିନତାଇ ଆଦି ବୃଦ୍ଧି ପାଉଥିବାରୁ ମହିଳାମାନେ ସୁରକ୍ଷିତ ନୁହନ୍ତି ; ଏତଦ ବ୍ୟତୀତ ସ୍ୱାମୀ ପରିତ୍ୟକ୍ତା ଓ ଦୁଃସ୍ଥ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଗୋଟିଏ ମହିଳା ଥାନାର ନିହାତି ଆବଶ୍ୟକତା ଥିବାରୁ ରଣପୁର ଠାରେ ଗୋଟିଏ ମହିଳା ଥାନା ଖୋଲିବା ପାଇଁ ନିର୍ଦ୍ଦେଶ ଦେବେ କି ; ରଣପୁର ନିର୍ବାଚନ ମଣ୍ଡଳୀରେ ରାସ୍ତାଘାଟରେ ଚୋରୀ ଡକାୟତି ରୋକିବା ପାଇଁ ଥାନାମାନଙ୍କୁ Patrolling Vehicle ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେବେ କି?

----

## ଅଗ୍ନିଶମ ସଂସ୍ଥାରେ ପଦବୀ ପୂରଣ

157 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଅଗ୍ନିଶମ ସଂସ୍ଥାମାନଙ୍କରେ କେତେଗୋଟି କେଉଁ ବର୍ଗର ପଦବୀ ଖାଲିଅଛି ; ପ୍ରକାଶ କରି ଏହା ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅର୍ଥସେବା ପଦବୀ ପୂରଣ

158 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅର୍ଥସେବା ପଦବୀରୁ କେତେ ପଦବୀ ଖାଲିଅଛି ; ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଗ୍ରାମୀଣ ସ୍ୱାସ୍ଥ୍ୟମିଶନରେ ବିନିଯୋଗ ହୋଇଥିବା ଅର୍ଥର ପରିମାଣ

159 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ୍ କାର୍ଯ୍ୟକ୍ରମରେ ବିଗତ ତିନି ବର୍ଷରେ କେତେ ଅର୍ଥ ବିନିଯୋଗରେ ଢେଙ୍କାନାଳ ଜିଲ୍ଲାରେ କେଉଁ ଡାକ୍ତରଖାନାର ଭିତ୍ତିଭୂମି ଉନ୍ନୟନ ପାଇଁ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି ଅବଗତ କରିବେ କି?

----

## ଖଣି ଉତ୍ତୋଳନ ପାଇଁ ପଦକ୍ଷେପ

160 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ କେଉଁ କେଉଁ ଖଣିଜ ସମ୍ପଦ ମହଜୁଦ୍ ଥିବା ସର୍ବେକ୍ଷଣ କରାଯାଇଛି ଓ ଏହାର ଉତ୍ତୋଳନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଆନ୍ତଃରାଜ୍ୟ ନିଶା କାରବାର ରୋକିବାକୁ ପଦକ୍ଷେପ

161 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବିଗତ ତିନି ବର୍ଷରେ କେତେଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଧରାଯାଇ କେତେ ପରିମାଣର ମାଦକ ଦ୍ରବ୍ୟ ଜବତ ହୋଇଛି, ଆନ୍ତଃରାଜ୍ୟ ନିଶା କାରବାର ରୋକିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ସାମୁଦ୍ରିକ ଥାନା ଗୁଡିକର ଆଧୁନିକିକରଣ

162 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସାମୁଦ୍ରିକ ଥାନାମାନଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁକ୍ତ କରି ଆର୍ନ୍ତଦେଶୀୟ ଅପରାଧ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଡାକ୍ତର ପଦବୀ ପୂରଣ

163 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର କେଉଁ ମେଡିକାଲ୍‌ରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା

164 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଚଣ୍ଡିଖୋଲଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇ ନଥିବାରୁ ଉଭୟ ପାର୍ଶ୍ୱ ଜଳବନ୍ଦୀ ହେଉଥିବା ପ୍ରତି ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା

165 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଭଦ୍ରକ ସହରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଐତିହ୍ୟ ଥାନାର ମାନ୍ୟତା

166 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୧୦୦ ବର୍ଷ ପୂର୍ଣ୍ଣ କରିଥିବା ଥାନା ଗୁଡ଼ିକୁ ଐତିହ୍ୟ ଥାନାର ମାନ୍ୟତା ଦେଇ ତାହାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାଜ୍ୟରେ କୋଇଲା ଉତ୍ପାଦନ

167 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ପରିମାଣର କୋଇଲା ବାର୍ଷିକ ଉତ୍ପାଦିତ ହେଉଛି, ଏହି ଉତ୍ପାଦିତ କୋଇଲାରୁ ରାଜ୍ୟର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ରାଜ୍ୟକୁ (ଓଡ଼ିଶା) ଆବଣ୍ଟନ କରୁଛି କି, କୋଇଲା ଅଭାବରୁ ରାଜ୍ୟର ବହୁ ଶିଳ୍ପ ଏବଂ Captive ଓ Non Captive Power Plant ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଉତ୍ତର 'ହଁ' ହେଲେ ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପ ପାଇଁ ଆବଶ୍ୟକୀୟ କୋଇଲା ବଣ୍ଟନ କରାଯାଇ ବଳିଥିବା କୋଇଲାକୁ ଅନ୍ୟ ରାଜ୍ୟକୁ ଦେବାକୁ ନିଷ୍ପତ୍ତି ନେବାପାଇଁ କେନ୍ଦ୍ରକୁ ପରାମର୍ଶ ଦେବେ କି, କୋଇଲା Royality ବୃଦ୍ଧି ପାଇଁ ସରକାର କେନ୍ଦ୍ର ଉପରେ ଚାପ ସୃଷ୍ଟି କରିବେ କି ?

----

## ଅସୁରକ୍ଷିତ ନାବାଳିକାଙ୍କୁ ଉଦ୍ଧାର

168 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଅସୁରକ୍ଷିତ କିଶୋର ତଥା ନାବାଳିକାମାନଙ୍କୁ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ଇତ୍ୟାଦିରୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କର ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହିତ ଏହାର ଏକ ବିବରଣୀ ଉପସ୍ଥାପନ କରିବେ କି ?

----

## କେନ୍ଦ୍ରୀୟ ଅନୁଦାନର ବିବରଣୀ

169 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 2016-17 ଆର୍ଥିକ ବର୍ଷରୁ 2021-22 ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟକୁ କେଉଁ ବାବଦରେ କେତେ ଅନୁଦାନ ହ୍ରାସ କରିଛନ୍ତି ତା'ର ଏକ ବିବରଣୀ ପ୍ରଦାନ କରିବେ କି, (ଖ) Covid-19 ପରିଚାଳନା ପାଇଁ କେନ୍ଦ୍ର ସରକାର କେତେ ଅର୍ଥ ସାହାଯ୍ୟ, ଅନୁଦାନ ଓ ଋଣ ଆକାରରେ ଦେଇଛନ୍ତି କହିବେ କି ?

----

## Specialist Hospital ଖୋଲିବା ପାଇଁ ପଦକ୍ଷେପ

170 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଗ୍ରାମାଞ୍ଚଳରେ ନୂତନ C.H.C. ଅଥବା Specialist Hospital ଖୋଲିବା ପାଇଁ ବିଚାର କରିବେ କି, ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବନ୍ତ ବ୍ଲକଠାରେ ପ୍ରତିଷ୍ଠିତ P.H.C. କୁ C.H.C. ରେ ଉନ୍ନୀତ କରିବା ପାଇଁ ସରକାର ସହମତି ଥିଲେ ମଧ୍ୟ ବିଳମ୍ବ ହେବାର କାରଣ କଣ ?

----

## R.O.B. ନିର୍ମାଣ ପାଇଁ ପଦକ୍ଷେପ

171 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଭଦ୍ରକ ଜିଲ୍ଲା ଅନ୍ତର୍ଗତ କେନ୍ଦୁଆ ପଦା ରେଳ ଷ୍ଟେସନ ଓ ମଞ୍ଜୁରୀ ରୋଡ ରେଳ ଷ୍ଟେସନରେ R.O.B. ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭର ବିଳମ୍ବ ହେବାର କାରଣ କଣ, (ଖ) ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଯାତାୟତର ଓ ଯାନବାହାନର ଗୁରୁତ୍ୱକୁ ଉପଲକ୍ଷ କରି ନୂତନ ଭାବେ 25 K.M. ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ ବିଚାର କରିବେ କି (ଯେଉଁ ରାସ୍ତା ଗୁଡିକ) ଜିଲ୍ଲା ହାଇ ପାୱାର କମିଟିର ଅନୁମୋଦନରେ ହସ୍ତାନ୍ତରୀତ ହେବାପାଇଁ ପ୍ରସ୍ତାବ ଆସିଛି ?

----

## ଡାକ୍ତର ନିଯୁକ୍ତି

172 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର CHC ସୋରଡା କେତେ ଜଣ Specialist Doctor ନିଯୁକ୍ତ ଦେବାକଥା ସରକାରୀ Doctor ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଫାଣ୍ଡି ନିର୍ମାଣ

173 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Sorada Block ର ବୋରଦା ଗ୍ରାମ ପଞ୍ଚାୟତର ବୋରଦା ଗ୍ରାମଠାରେ ଏକ ଫାଣ୍ଡି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା, ସରକାର କଣ କଣ ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## ରାସ୍ତା କାର୍ଯ୍ୟ ସମ୍ପର୍କରେ

174 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରୁ ଦାରିଙ୍ଗିବାଡୀ NH 5 Road ରେ ମୁଣ୍ଡମରାଳଠାରୁ ଗାଦରବାଡୀ ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ 1.1.2009 to ୨.3.2022 ବର୍ଷରେ କେତେ ଟଙ୍କା ଦିଆଯାଇ ଅଛି ତାର ତାଲିକା ସହ କେଉଁ କେଉଁ ଠିକାଦାର କାର୍ଯ୍ୟ କରିଛନ୍ତି ଜଣାଇବେ କି ?

----

## ନିମ୍ନମାନର ମଦ ପ୍ରସ୍ତୁତି ସମ୍ପର୍କରେ

175 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Sorada Block ର ଅଶୁର ବନ୍ଧ ଗ୍ରାମପଞ୍ଚାୟତର ଗୋବର୍ଦ୍ଧନପୁରଠାରେ ଦେଶୀ ମଦ ଭାଟିରେ ନିମ୍ନମାନର ମଦତିଆରି ହୋଇଥାଏ ସରକାର ରାଜ୍ୟସ୍ତରୀୟ ଏକ ତଦନ୍ତକାରୀ ଦଳ ଗଠନ କରାଯାଇ ମାନପରୀକ୍ଷା କରିବାପାଇଁ ପଦକ୍ଷେପ ନେବେ କି ?

----

## ରାସ୍ତା କାର୍ଯ୍ୟର ବିବରଣୀ

176 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ Baragada R & B Section ରେ ଥିବା ବରଗଡ଼ଠାରୁ ମୋହନା ରାସ୍ତାର ଶେଷ 3KM. ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଅର୍ଥ ବ୍ୟୟ ବରାଦ କରିବାପାଇଁ ପଦକ୍ଷେପ ନେବେ କି ?

----

## ରାସ୍ତା ଦୋହରୀକରଣ ପାଇଁ ପଦକ୍ଷେପ

177 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ନର୍ଲା PWD road ରେ ଥିବା LC No.-RV-196 ପ୍ରିଲିମନାରୀ ସର୍ଭେ କାର୍ଯ୍ୟ ଶେଷ ହୋଇ, ରେଳ over bridge କାମ କେବେ ଆରମ୍ଭ କରାଯିବ, (ଖ) ନର୍ଲା ଟାଉନର 1.6 କି.ମି. ରାସ୍ତା ଦୋହରୀକରଣ କାମ କେବେ ଆରମ୍ଭ କରାଯିବ, ମ.ରାମପୁର ପାଇଁ ଦୋହରୀକରଣ କାମ କେବେ ହେବ?

----

## କୋଇଲା ରୟାଲଟି ବୃଦ୍ଧି ପାଇଁ ପଦକ୍ଷେପ

178 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 31.3.2020 ରେ MCL ଠାରୁ କୋଇଲା ରୟାଲଟି ବାବଦରେ 1337 କୋଟି 71 ଲକ୍ଷ 17 ହଜାର 642 ଟଙ୍କା ବକେୟା ମିଳିଲା କି, କୋଇଲା ରୟାଲଟି କେତେ ବର୍ଷରେ ବୃଦ୍ଧି କରାଯାଏ ଜଣାଇବେ କି?

----

## Sub-centre ଖୋଲିବା ପାଇଁ ପଦକ୍ଷେପ

179 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- KBK + କନ୍ଧମାଳ, ଗଜପତି ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ ପଞ୍ଚାୟତରେ ଏକ Sub-centre ଖୋଲିବା ପ୍ରସ୍ତାବ ସରକାରଙ୍କର ବିଚାରଧିନ ଥିବାବେଳେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ, 2022-2023 ଆର୍ଥିକ ବର୍ଷରେ କିଛି ନୂତନ Sub-centre ଖୋଲିବାର ବ୍ୟବସ୍ଥା ଅଛିକି, ଯଦି ଅଛି ତାର ଏକ ତାଲିକା ଦେବେ କି ?

----

## ବିନା ଅନୁମତିରେ ମଦ ଦୋକାନ ଖୋଲିବା

180 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଡା ଘରେ ଚାଲିଥିବା BAR ଲାଇସେନ୍ସ ପାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କୁ ବିନା ଏଗ୍ରିମେଣ୍ଟରେ (Agreement) ଘର ମାଲିକଙ୍କର ଅନୁମତି ବିନା ଓ ଏଗ୍ରିମେଣ୍ଟ ସମୟ ଶେଷ ହୋଇଥିବାସ୍ଥଳେ ବିଭାଗ ପାଖକୁ ଅଭିଯୋଗ ଆସିଲେ କି ପଦକ୍ଷେପ ନେବାର ବ୍ୟବସ୍ଥା ରହିଅଛି ଜଣାଇବେକି?

----

## Specialist ଡାକ୍ତର ପଦବୀ ପୂରଣ

181 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- PG କରି ଯାଇଥିବା ୩୫୨ ଜଣ ଡାକ୍ତର ମଧ୍ୟରୁ କେଉଁ ଜିଲ୍ଲାରୁ କେତେଜଣ, କେବେସୁଦ୍ଧା ସେମାନେ ତାଙ୍କର କାର୍ଯ୍ୟକୁ ଫେରିବେ, Specialist ଡାକ୍ତର ପଦବୀ ସହିତ ଖାଲିଥିବା ପଦବୀ ନର୍ଲା, କର୍ଲାମୁଣ୍ଡା ଓ ମ.ରାମପୁରରେ କେବେସୁଦ୍ଧା ପୂରଣ ହେବ?

----

## ପଥର ସ୍ତର କରିବାକୁ ଅର୍ଥ ମଂଜୁରୀ

182 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲୁହାପଡା ଓଲମରା ସଡକର ନବୀକରଣ କାର୍ଯ୍ୟ ସଦ୍ୟ ସମାପ୍ତ ହୋଇଥିବାବେଳେ ରାଇବଣିଆ ଥାନା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶେଷସୀମା ସ୍ପର୍ଶ କରିବାକୁ ଆଉ କେତେ ଅର୍ଥ ଆବଶ୍ୟକ ଏବଂ ଥାନା ନିକଟ ସଡକର ବାମ ପାର୍ଶ୍ୱରେ ପୋଖରୀ ପାଣିରେ ଖାଇଯାଇ କେତେ ପରିମାଣର ଚଉଡ଼ା କମିଯାଉଥିବାରୁ ଏହାର ସମୁଦାୟ ଅଟକଳ ଅର୍ଥ ପରିମାଣ କେତେ ସରକାରଏଥିଲାଗି ଅର୍ଥ ମଂଜୁର କରିବେକି ଓ କାର୍ଯ୍ୟାଦେଶ ଦେବେକି?

----

## ସଡକ ମରାମତି ପାଇଁ ପଦକ୍ଷେପ

183 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଳେଶ୍ୱର ପଶ୍ଚିମବାର୍ଡ ( JALESWAR - PASCHIMBAD) ସଡ଼କର ସଂପ୍ରସାରଣ, ନବୀକରଣ ସକାଶେ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇ ଠିକାଦାର ଚୟନ ହୋଇସାରିଥିଲାବେଳେ ଚୁକ୍ତି ଅନୁସାରେ କାର୍ଯ୍ୟ ଆରମ୍ଭ ବିଳମ୍ବର କାରଣ କଣ, କେବେସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ, ଯଦି କାର୍ଯ୍ୟାରମ୍ଭର ଅଧିକ ବିଳମ୍ବ ହେଉଥାଏ ତେବେ ସଡକ ମରାମତି ଅତ୍ୟନ୍ତ ଜରୁରୀ ହୋଇପଡିଥିବା ସତ୍ୟ କି, ସରକାର ଏଥିଲାଗି କ'ଣ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବେ?

----

## High Level ପୋଲ ନିର୍ମାଣ

184 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବସ୍ତା ବ୍ଲକ ଅନ୍ତର୍ଗତ ଚୋରମରା(Chormora) ଠାରେ ସୁବର୍ଣ୍ଣରେଖା ନଦୀରେ ଏକ High Level ପୋଲ ନିର୍ମାଣ ସକାଶେ ଡିଜାଇନ (Design) ସରକାରଙ୍କ ଅନୁମୋଦନ ଲାଭ କରିଥିଲାବେଳେ ବର୍ତ୍ତମାନ ପୋଲ ନିର୍ମାଣ ଅଟକଳର ଅର୍ଥ ପରିମାଣ କେତେ, ଟେଣ୍ଡର ପ୍ରକ୍ରୀୟା କେଉଁସ୍ତରରେ, ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବା ସହିତ ଟେଣ୍ଡର ପ୍ରକ୍ରିୟାର ତଥ୍ୟ ଏଥିସହ ସଂଲଗ୍ନ କରିବେକି?

----

## ପୋଲ ନିର୍ମାଣ

185 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗୋବରଘାଟ (DPPUR- Gobarghata ଠାରେ ସୁବର୍ଣ୍ଣରେଖା ନଦୀରେ High Level ପୋଲ ନିର୍ମାଣର design (ଡିଜାଇନ) ଅନୁମୋଦନ ହୋଇ ସାରିଥିଲାବେଳେ ଏହାର ଚୂଡାନ୍ତ ଅଟକଳ ଟଙ୍କାର ପରିମାଣ କେତେ, ଟେଣ୍ଡର ପ୍ରକ୍ରୀୟା ଆରମ୍ଭ ହୋଇଛିକି, ଉତ୍ତର 'ହଁ' ହେଲେ ଏହା ବର୍ତ୍ତମାନ କେଉଁସ୍ତରରେ ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେକି?

----

## ରାସ୍ତା ହସ୍ତାନ୍ତର

186 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଉକ୍ତ ବିଭାଗକୁ ନୀତିଗତ ଭାବରେ ସଡକ ପଥ ପ୍ରତିବର୍ଷ ହସ୍ତାନ୍ତର ହେଉଥିବାବେଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ O.T. Road to Raibania (ଓଟି ରୋଡ ରୁ ରାଇବଣିଆ) ସଡକଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଏହି ବିଭାଗକୁ ହସ୍ତାନ୍ତର ସକାଶେ ସରକାରଙ୍କର ସବିଶେଷ ପଦକ୍ଷେପ କଣ?

----

## ସୀମା ନିର୍ଦ୍ଧାରଣ

187 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ଥିବା ବିଭିନ୍ନ ଥାନା ଓ ଫାଣ୍ଡିର ଭୌଗଳିକ ସ୍ଥିତିକୁ ଦେଖି ସୀମା ନିର୍ଦ୍ଧାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପଦବୀ ପୂରଣ

188 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅବକାରୀ ବିଭାଗ ଅଧିନରେ କେଉଁ ବର୍ଗର କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପଦବୀ ପୂରଣ

189 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଇସ୍ପାତ ଓ ଖଣି ବିଭାଗ ଅଧିନରେ ମଂଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲିଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପ୍ରଶାସନିକ ସଂସ୍କାର ପାଇଁ ପଦକ୍ଷେପ

190 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପ୍ରଶାସନିକ ସଂସ୍କାର ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ଅବଗତ କରିବେକି?

----

## ପଦବୀ ପୂରଣ

191 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଣ୍ଟ୍ରୋଲର ଅଫ ଆକାଉଣ୍ଟସ କାର୍ଯ୍ୟାଳୟରେ କେତେଗୋଟି ପୂର୍ଣ୍ଣାଙ୍ଗ ପେନସନ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ମଂଜୁରୀ ପ୍ରସ୍ତାବ ବିଚାରାଧିନ ଅଛି ଓ ଏହା ତୁରନ୍ତ ମଂଜୁରୀ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ; (ଖ) କଣ୍ଟ୍ରୋଲର ଅଫ ଆକାଉଣ୍ଟସ କାର୍ଯ୍ୟାଳୟରେ ମଂଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲିଅଛି ଓ ଏହା ପୁରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଡ଼କାୟତି ରୋକିବାକୁ ପଦକ୍ଷେପ

192 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର ରାଜପଥମାନଙ୍କରେ ରାତ୍ରିକାଳୀନ ପେଟ୍ରୋଲିଂ ବ୍ୟବସ୍ଥା ବୃଦ୍ଧି ପୂର୍ବକ ରାସ୍ତା ଡ଼କାୟତି ରୋକିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଗଞ୍ଜେଇ ଚାଷ ରୋକିବାକୁ ପଦକ୍ଷେପ

193 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନିବର୍ଷରେ କେଉଁ ଜିଲ୍ଲାରୁ କେତେ ପରିମାଣର ଗଞ୍ଜେଇ ଚାଷ ନଷ୍ଟ ହୋଇଥିବା ବେଳେ କେତେ ପରିମାଣର ଗଞ୍ଜେଇ ଜବତ ହୋଇଛି ପ୍ରକାଶ କରି ରାଜ୍ୟରେ ଗଞ୍ଜେଇ ଚାଷ ଓ ବେପାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସ୍ପଞ୍ଜ ଆଇରନ କାରଖାନାରେ ନିଯୁକ୍ତି

194 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ କେତେଗୋଟି ସ୍ପଞ୍ଜ ଆଇରନ କାରଖାନା ପ୍ରତିଷ୍ଠା ହୋଇ ତାହା ମାଧ୍ୟମରେ କେତେଜଣ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି, ଅବଗତ କରିବେ କି ?

----

## ରାସ୍ତା ପୁନଃ ନିର୍ମାଣ

196 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କେତେ ପରିମାଣର ପୂର୍ତ୍ତ ବିଭାଗ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଟକରୁ ମଣ୍ଡାପଡ଼ା ସଂଯୋଗ ପାଇଁ ସେତୁ ନିର୍ମାଣ

197 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀ ଉପରେ କଟକରୁ ମଣ୍ଡାପଡ଼ାକୁ ସଂଯୋଗ ପାଇଁ ସେତୁ ନିର୍ମାଣ ନିମନ୍ତେ ପ୍ରସ୍ତାବ ଅଛ କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଯୁବ ସମାଜକୁ ନିଶା କବଳରୁ ସୁରକ୍ଷା ପାଇଁ ପଦକ୍ଷେପ

198 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଯୁବ ସମାଜ ନିଶା କବଳିତ ହେଉଥିବାରୁ ସେମାନଙ୍କୁ ଏହି ନିଶା କବଳରୁ ସୁରକ୍ଷା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରତ୍ୟେକଥାନାକୁ ଗୋଟିଏ ରଙ୍ଗରେ ରଙ୍ଗାୟିତ କରିବାପାଇଁ ପ୍ରସ୍ତାବ

199 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପ୍ରତ୍ୟେକ ଥାନାକୁ ଗୋଟିଏ ରଙ୍ଗରେ ରଙ୍ଗାୟିତ କରିବାପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ , ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଓଡ଼ିଶା ଖଣି ନିଗମ ତରଫରୁ ପ୍ରକଳ୍ପ କାର୍ଯ୍ୟ

200 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ଖଣି ନିଗମ ତରଫରୁ ବିଗତ ତିନି ବର୍ଷରେ କଟକ ଜିଲ୍ଲାରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି ଅବଗତ କରିବେ କି ?

----

## ଇସ୍ପାତ କାରଖାନା ପ୍ରତିଷ୍ଠା

201 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତାରକା ପ୍ରଶ୍ନ ସଂଖ୍ୟା ୨୦ ତା 22 . 02. 2021 ର ଉତ୍ତର ପରିପ୍ରେକ୍ଷୀରେ ରାଜ୍ୟରେ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଥିବା କମ୍ପାନୀମାନଙ୍କ ସମ୍ପର୍କରେ କେଉଁ କେଉଁ ବିଷୟରେ ଆକଳନ କରାଯିବାର କି କି ବିଧିଗତ ପ୍ରାବଧାନ ରହିଛି ଓ କେଉଁ କେଉଁ ବିଷୟରେ ନାହିଁ ତାହା ପ୍ରକାଶ କରିବେ କି; (ଖ) ଖଣି ପଟ୍ଟାଦାରମାନେ ଖଣିରୁ ଖଣିଜ ଉତ୍ପାଦନ ନିମନ୍ତେ ପୁଞ୍ଜି ବିନିଯୋଗ ଓ ଉତ୍ପାଦନ ବ୍ୟୟ ଏବଂ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଯେଉଁମାନେ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ସେମାନଙ୍କର ପୁଞ୍ଜି ବିନିଯୋଗ ଓ ଉତ୍ପାଦନ ବ୍ୟୟ ସମ୍ପର୍କରେ ତର୍ଜମା କିମ୍ବା ସମୀକ୍ଷା/ଅନୁଧ୍ୟାନ କରନ୍ତି କି ନାହିଁ; ଏଥିପାଇଁ ରାଜ୍ୟ ସରକାରଙ୍କ କଣ ଭୂମିକା ରହିଛି ଓ କି କି ବିଧିଗତ ପ୍ରାବଧାନ ରହିଛି ଓ କଣ ନାହିଁ ତାହା ବିସ୍ତୃତ ଭାବେ ଅବଗତ କରିବେ କି ?

----

## ଦୁର୍ନିତୀଗ୍ରସ୍ତ କର୍ମଚାରୀଙ୍କ ବିବରଣୀ

202 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ପ୍ରତିଦିନ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତିଗ୍ରସ୍ତ କର୍ମଚାରୀ, ଅଧୀକାରୀଙ୍କ ବିରୋଧରେ ଧରପଗଡ଼ ଏବଂ ରାଜ୍ୟ ସରକାର 140 ରୁ ଅଧିକ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦେବା ଖବର ବିଭିନ୍ନ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରୁଛି, ଦୁର୍ନୀତି ଏକ ସଂଘଟିତ ଅପରାଧ ହୋଇଥିବାରୁ ଯଦି ଭିଜିଲାନ୍ସ ବିଭାଗ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସମ୍ପର୍କରେ ଆସିଥିବା ସମ୍ପୃକ୍ତ ବିଭାଗର କେଉଁ ବିରଷ୍ଠ ଓ କନିଷ୍ଠ ଅଧିକାରୀଙ୍କ ସହଭାଗିତା ସମ୍ପର୍କରେ ଖୋଳତାଡ଼ କରି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କହିବେ କି ; ସରକାରଙ୍କ କେଉଁ କେଉଁ ବିଭାଗ ଅଧୀନରେ କାର୍ଯ୍ୟରତ କେତେ ଅଧିକାରୀଙ୍କ ବିରୋଧରେ ଜନସାଧାରଣ କିମ୍ବା କେହି ହ୍ୱିସଲ ବ୍ଲୋୟରଙ୍କ ମାଧ୍ୟମରେ କେତେ ଦୁର୍ନୀତି ଅଭିଯୋଗମାନ ଆସିଛି ସେ ସବୁର ବିଗତ 5 ବର୍ଷର ବର୍ଷ ଓ ବିଭାଗୱାରୀ ତଥ୍ୟ ଦେବେ କି ?

----

## ଖଣି ଉତ୍ତୋଳନ ସମ୍ପର୍କରେ

203 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଭର୍ଜନ ଫରେଷ୍ଟ ଏରିଆରେ ଥିବା କେଉଁ କେଉଁ ଖଣିରୁ ଖଣିଜ ପଦାର୍ଥ ଉତ୍ତୋଳନ ନିମନ୍ତେ କେବେ ନିଲାମ ହୋଇଛି ଓ ଅନ୍ୟ କେଉଁ ଖଣି କେବେ ସୁଦ୍ଧା ନିଲାମ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବ ଓ ସମ୍ପୃକ୍ତ ଖଣି କାର୍ଯ୍ୟକ୍ଷମ ହେଲେ, କେତେ ଜଙ୍ଗଲ ନଷ୍ଟ ହେବ ଓ କେତେ ସଂଖ୍ୟକ ଗଛ କଟାଯିବ ତା'ର ଏକ ବିବରଣୀ ପ୍ରଦାନ କରିବେ କି; (ଖ) କେତେ ପରିମିତ ଅଞ୍ଚଳରେ ଥିବା ଭର୍ଜନ ଫରେଷ୍ଟ ଏରିଆରେ ଥିବା ଖଣିରୁ ଜଙ୍ଗଲ ଅପସାରଣ କେବେ ସୁଦ୍ଧା ହେବ ଏବଂ କେବେସୁଦ୍ଧା ଓ କେତେ ସମୟ ବ୍ୟବଧାନରେ ପରିପୂରକ ବନୀକରଣ କେଉଁଠାରେ କରାଯିବ ସେଥିପାଇଁ କି ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ରହିଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଇସ୍ପାତ ନିର୍ଦ୍ଦେଶାଳୟର କାର୍ଯ୍ୟ

204 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଇସ୍ପାତ ନିର୍ଦ୍ଦେଶାଳୟ ଗଠନ ହେବା ବର୍ଷଠାରୁ ଅଦ୍ୟାବଧି ନିର୍ଦ୍ଦେଶାଳୟ କି କି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି; ଲୌହ ଇସ୍ପାତ ଶିଳ୍ପ ସମ୍ମୁଖୀନ ହେଉଥିବା କି କି ସମସ୍ୟା ଉତ୍ପାଦନ କ୍ଷମତାର ଉପଯୋଗୀକରଣ ନିମନ୍ତେ ଏବଂ ନିଯୁକ୍ତି ଓ ନିବେଶ ପରିଚାଳନା ଓ ଲୌହ ପର୍ଯ୍ୟବେଶିତ ଶିଳ୍ପ ଗୁଡ଼ିକ ନିମ୍ନସ୍ତରରୁ ମୂଲ୍ୟଯୁକ୍ତି ହେବାପାଇଁ କି କି ଉଲ୍ଲେଖନୀୟ ସହାୟତା ପ୍ରଦାନ କରିଛନ୍ତି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି; (ଖ) ଇସ୍ପାତ ନିର୍ଦ୍ଦେଶାଳୟ କେଉଁ କେଉଁ ପଦବୀ ସୃଷ୍ଟି କରାଯାଇଛି ଏବଂ କେଉଁ ପଦବୀରେ କାହାକୁ କେବେଠାରୁ ନିଯୁକ୍ତି ଦିଆଯାଇଛି; କେଉଁ ପଦବୀ ଖାଲି ରହିଛି ତାହା ପ୍ରକାଶ କରିବାସହ କେଉଁ ପଦବୀରେ ନିଯୁକ୍ତି ଅଧିକାରୀ / କର୍ମଚାରୀଙ୍କ କି କାର୍ଯ୍ୟ କରିବା ସହ କଣ ଦାୟିତ୍ୱ ପ୍ରଦାନ କରାଯାଇଛି ସେ ସମ୍ପର୍କରେ ଜବଚାର୍ଟରେ କଣ ଉଲ୍ଲେଖ କରାଯାଇଛି ତାହା ଜଣାଇବେ କି ?

----

## ଦୋଷୀବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

205 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ( କ ) ବୀର ସୁରେନ୍ଦ୍ରସାଏ ମେଡ଼ିକାଲ କଲେଜ, ବୁର୍ଲା ପରିସରରେ କୌଣସି ମେଡ଼ିକାଲ ଷ୍ଟୋରଙ୍କୁ, ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଅଦାଲତରେ ମାମଲାଟି ବିଚାରଧିନ ଥିବା ସତ୍ତ୍ୱେ ଡ୍ରଗ ଲାଇସେନ୍ସ ବୈଧତା କିମ୍ବା ଧାରଣ ନବୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି କି; ( ଖ) କ୍ୟାମ୍ପସରେ ଥିବା ମେଡ଼ିକାଲ ଷ୍ଟୋର ବିରୁଦ୍ଧରେ 2 C ( CC) ମାମଲା ବିଚାରାଧିନ ଥିବା ଷ୍ଟୋର କର୍ତ୍ତୃପକ୍ଷଙ୍କୁ ଦୋଷୀ ବିହୀନ ପ୍ରମାଣପତ୍ର ଦିଆଯାଇଥିବା ସମ୍ପର୍କରେ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ଖଣି ଉତ୍ତୋଳନ ବିବରଣୀ

206 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019 - 20 ବର୍ଷରୁ ଚଳିତ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ଥିବା କେଉଁ କେଉଁ ଲୁହାପଥର ଓ ମାଙ୍ଗାନିଜ ଖଣିରେ ଟନ ପ୍ରତି ଉତ୍ତୋଳନ ବ୍ୟୟ /ପିଟ ମାଉଥ ଭେଲ୍ୟୁ କେତେ କେଉଁ ବର୍ଷ ଥିଲା ଓ କେତେ ମୂଲ୍ୟରେ ବିକ୍ରି କରିଥିଲେ ସେ ସମ୍ପର୍କରେ ରିଟର୍ଣ୍ଣ ମାଧ୍ୟମରେ ଜଣାଇଥିଲେ ତାହା ପ୍ରକାଶ କରିବେ କି କେଉଁ ପଟ୍ଟାଦାର କେତେ ଉତ୍ତୋଳନ କରି କେତେ ପ୍ରିମିୟମ, ରୟାଲଟି, ଡ଼ି.ଏମ.ଏଫ ଓ ଅନ୍ୟାନ୍ୟ କେଉଁ କେଉଁ ବାବଦରେ କେତେ ରାଜସ୍ୱ ସରକାରଙ୍କୁ ପୈଠ କରିଥିଲେ; କେଉଁମାନେ ଅନୁମୋଦିତ ପରିମାଣଠାରୁ କେତେ ବେଶୀ କିମ୍ବା କମ୍ ଉତ୍ତୋଳନ ଓ ବିକ୍ରି ଖଣିରୁ ସ୍ଥାନାନ୍ତର କରିଥିଲେ ତାହା ଜଣାଇବା ସହ କେଉଁ କାରଣରୁ କେଉଁ ପଟ୍ଟାଦାର ଅନୁମୋଦିତ ପରିମାଣର ଖଣିଜ ଉତ୍ତୋଳନ କରିନଥିଲେ ତାର ଖଣିୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଖଣି ପଟ୍ଟା ପ୍ରଦାନ ସମ୍ପର୍କରେ

207 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସର୍ବଶେଷ ଆକଳନ ଅନୁଯାୟୀ କେଉଁ କେଉଁ ଖଣିଜ ପଦାର୍ଥ କେତେ ପରିମାଣର ମହଜୁଦ ରହିଛି, ମହଜୁଦ ଥିବା ଖଣିଜ ପଦାର୍ଥ ମଧ୍ୟରୁ ଅଦ୍ୟାବଧି କେତେ ପରିମାଣର କେଉଁ କେଉଁ ଖଣିଜ (ନିଲାମ ପ୍ରକ୍ରିୟାରେ ଓ ବିନା ନିଲାମ ପ୍ରକ୍ରିୟାରେ) ପଦାର୍ଥର ପଟ୍ଟା ଦିଆଯାଇଛି, କେତେ ପରିମାଣର ପଟ୍ଟା ଦେବା ପାଇଁ ବିଚାରଧିନ ରହିଛି, କେତେ ପରିମାଣ ଅଦ୍ୟାବଧି ପଟ୍ଟା ଦିଆଯାଇନାହିଁ ଏ ସମ୍ପର୍କୀତ ସବିଶେଷ ବିବରଣୀ ଖଣିଜୱାରୀ ଜିଲ୍ଲାୱାରୀ ପ୍ରଦାନ କରିବେ  କି ?

----

## କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

208 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଉତ୍ତୋଳିତ ଖଣିଜକୁ ଖଣିରୁ ସ୍ଥାନାନ୍ତର/ପରିବହନ ନିମନ୍ତେ କି କି ପ୍ରକ୍ରିୟାରେ କେଉଁ ପଦ୍ଧତିରେ କେଉଁ କେଉଁ ମାନଙ୍କଦ୍ୱାରା ଯାଞ୍ଚ/ତଦାରଖ କରାଯାଇ ଅନୁମତି ପ୍ରଦାନ କରାଯାଇଥାଏ, ସମ୍ପୃକ୍ତ ପଦ୍ଧତି ଓ ପ୍ରକ୍ରିୟାରେ ସଠିକ୍ ଅନୁପାଳନ ହେଉଛି କି, ଯଦି ହେଉଛି ତେବେ ରାଜ୍ୟସ୍ତରୀୟ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ ବିଗତ 2020-21 ଓ 2021-22 ବର୍ଷରେ କେଉଁ ମାସ ମଧ୍ୟରେ କେତେଗୋଟି ଖଣିରେ ସମ୍ପୃକ୍ତ ନୀତି ନିୟମକୁ ଉଲଘଂନ କରି ପରିବହନ ନିମନ୍ତେ ଯାଇଥିବାର ରିପୋର୍ଟ କରିଥିଲେ ତାର ବିବରଣୀ ପ୍ରଦାନ କରିବା ସହ ଅନିୟମିତରେ ସମ୍ପୃକ୍ତ କେଉଁ ଖଣି ପଟ୍ଟାଦାର ଓ କେଉଁ କେଉଁ କର୍ମଚାରୀଙ୍କ ବିରୁଦ୍ଧରେ କେବେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସମ୍ପୃକ୍ତ କେଉଁ ମାନଙ୍କ ବିରୁଦ୍ଧରେ କେଉଁ କାରଣରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହା ପ୍ରକାଶ କରିବେ କି ?

----

## ସରକାରୀ ବାସଗୃହଗୁଡିକର ବିବରଣୀ ପ୍ରଦାନ

209 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ː**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ଭୁବନେଶ୍ୱରରେ ସରକାରୀ ବାସଗୃହ କେଉଁ ଏରିଆରେ କେଉଁ ପ୍ରକାରର କେତେ ଗୃହ ଅଛି, ସେଥିରୁ କେଉଁ କେଉଁ ଘରେ ସରକାରୀ କର୍ମଚାରୀ ରହୁଛନ୍ତି, କେଉଁ କେଉଁ ଘର ଖାଲିଅଛି, କେଉଁ କେଉଁ ଘର ବାସପୋଯୋଗୀ ନାହିଁ ଏବଂ କେଉଁ କେଉଁ ଘର ଜବରଦଖଲରେ ଅଛି ଅର୍ଥାତ୍ ସରକାରୀ କର୍ମଚାରୀ ଘର ଛାଡିବା ପରେ ସାଧାରଣ ଲୋକ ରହିବା, ସରକାରୀ ଗୃହ ପାଇଁ କେତେ ଆବେଦନକାରୀ ଅଛନ୍ତି, ଘରଖାଲି ପଡିବାଦ୍ୱାରା ସରକାରଙ୍କର ଯେଉଁ କ୍ଷତି ହେଲା ସେଥିପାଇଁ ଦାୟୀ କିଏ ଜଣାଇବେ କି ?

----

## ଗୃହ ରକ୍ଷୀମାନଙ୍କର ଦାବି ପୂରଣ ପାଇଁ ପଦକ୍ଷେପ

210 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ː**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ଗୃହରକ୍ଷୀମାନେ କେବେଠାରୁ ଧାରଣାରେ ବସିଲେଣି ଏବଂ ତାର କାରଣ କଣ, ସେମାନଙ୍କର କେତୋଟି ଦାବୀ କଣ କଣ ଅଛି, ସରକାର ସେଥିରୁ କେଉଁ କେଉଁ ଦାବୀ ପୂରଣ କରିବା ପାଇଁ ଚାହୁଁଛନ୍ତି ଏବଂ କେଉଁ କେଉଁ ଦାବୀ ପୂରଣ କରିବା ପାଇଁ ଚାହୁଁନାହାଁନ୍ତି ଓ ତାର କାରଣ କଣ, ଅନ୍ୟ ରାଜ୍ୟରେ ଗୃହରକ୍ଷୀମାନେ ପାଉଥିବା ଦରମା ଏବଂ ସୁବିଧା ସହିତ ତୁଳନା କଲେ, ଆମ ରାଜ୍ୟରେ ଗୃହରକ୍ଷୀମାନେ ସମାନ କିମ୍ବା କମ କିମ୍ବା ବେଶୀ ପାଉଛନ୍ତି, ଉତ୍ତର ଯଦି କମ ହୁଏ ତାର କାରଣ କଣ ?

----

## ଖଣି ନିଲାମ ସମ୍ପର୍କରେ

211 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ː**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019-20 ଆର୍ଥିକ ବର୍ଷରୁ ଆଜିପର୍ଯ୍ୟନ୍ତ କେଉଁ କେଉଁ ଖଣି ନିଲାମ ହୋଇଅଛି ଏବଂ କେଉଁ ସଂସ୍ଥା ଅବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି, କେଉଁ କେଉଁ ଖଣି ନିଲାମ ଯୋଗ୍ୟ ଅଛି, କେଉଁ କାରଣ ପାଇଁ ନିଲାମ ହୋଇପାରିନାହିଁ, ନିଲାମ ନ ହେବାଦ୍ୱାରା ବାର୍ଷିକ ସରକାର କେତେ ରାଜସ୍ୱ ହରାଉଛନ୍ତି, ଯେଉଁ ନିଲାମଧାରୀଙ୍କୁ ଫାଇନ କରାଯାଇଥିଲା ସେଥିରୁ କେଉଁ ନିଲାମଧାରୀ କେତେ ଅର୍ଥ ପୈଠ କରିଛନ୍ତି ଏବଂ କେଉଁ ନିଲାମଧାରୀ କେତେ ଅର୍ଥ ପୈଠ କରିବାରଅଛି ତାର ବିଶଦ ବିବରଣୀ ପ୍ରଦାନ କରିବେ କି ?

----

## ଫାଣ୍ଡି ନିର୍ମାଣ

212 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନମଣ୍ଡଳୀରେ ଫାଣ୍ଡି ନିର୍ମାଣ ପାଇଁ ଗୃହ ବିଭାଗ ଚିଠି ଉପରେ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହା କେବେସୁଧା କାର୍ଯ୍ୟକାରୀ ହେବ, ଉକ୍ତ ନିର୍ବାଚନ ମଣ୍ଡଳୀରେ ଥିବା ଥାନାଗୁଡିକରେ ଆବଶ୍ୟକ କର୍ମଚାରୀ ନଥିବା ସରକାରଙ୍କ ଜ୍ଞାନ୍ତସାରରେ ଅଛି କି, ଉତ୍ତର ଯଦି ହଁ ହୁଏ ଉକ୍ତ ପଦବୀ କେବେସୁଧା ପୂରଣ ହେବ ଜଣାଇବେ କି ?

----

## କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

213 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ଖଣି ଷ୍ଟାକ୍ ଓ ପରିବହନ ବେଳେ ଯେଉଂସବୁ ଅନିୟମିତତା ଜାଣିବାକୁ ପାଇଲେ ସେହି ଅନିୟମିତତା ସମ୍ପର୍କରେ ସମ୍ପୃକ୍ତ ଦାୟିତ୍ୱରେ ଥିବା ଖଣି ମଣ୍ଡଳର ଅଧିକାରୀମାନେ କିଭଳି ଅନିୟମିତତା ବିଶେଷ କରି ମାନରେ ହେରଫେର ଏବଂ ଆଇବିଏମଦ୍ୱାରା ଅନୁମୋଦିତ ମାଇନିଂ ପ୍ଲାନ୍ ଅନୁଯାୟୀ ଷ୍ଟାକ୍ ହେଉନଥିବା ଜାଣିସୁଦ୍ଧା ଖଣି ପଟ୍ଟାଦାରଙ୍କୁ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଅନୁମତି ପ୍ରଦାନ କରୁଥିବା ଅଧକାରୀ/କର୍ମଚାରୀଙ୍କ ବିରୁଦ୍ଧରେ କେବେ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଓ କେଉଁ ମାନଙ୍କ ବିରୁଦ୍ଧରେ କେଉଁ କାରଣରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହା ଜଣାଇବେ କି ?

----

## ଖଣିରୁ ମିଳୁଥିବା ରାଜସ୍ୱ

214 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦାୟ ମହଜୁଦ ଥିବା ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ୍, କ୍ରୋମାଇଟ୍ ଓ କୋଇଲା ମଧ୍ୟରୁ କେତେ ପରିମାଣର ମହଜୁଦ୍ ଥିବା କେତେଗୋଟି ଖଣିପଟ୍ଟା ମଞ୍ଜୁର କରାଯାଇଛି, ଏବଂ ସେହି ଖଣି ମଧ୍ୟରୁ କେତେ ପରିମାଣର ଓ କେତେଗୋଟି ନିଲାମ ପ୍ରକ୍ରିୟାରେ କେତେ ପ୍ରମିୟମରେ ପଟ୍ଟା ମଞ୍ଜୁର କରାଯାଇଛି, କେଉଁ ଖଣିରେ କେତେ କର୍ମଚାରୀ ଶ୍ରମିକ ନୟୋଜିତ ହୋଇଛନ୍ତି, କେଉଁ ଖଣିରେ ବାର୍ଷିକ କେତେ ଉତ୍ତୋଳନ ହେବ, ସରକାର କେଉଁ କେଉଁ ବାବଦରେ କେତେ ରାଜସ୍ୱ ପାଇବେ ତାର ଖଣିୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଓଏମସିର ଲାଭ କ୍ଷତିର ବିବରଣୀ

215 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡିଶା ଖଣି ନିଗମର ବିଭିନ୍ନ ଖଣି, ଆଞ୍ଚଳିକ କାର୍ଯ୍ୟାଳୟ ଓ ମୁଖ୍ୟ କାର୍ଯ୍ୟାଳୟରେ କେଉଁ କେଉଁ ପଦବୀରେ ସ୍ଥାୟୀ, ଠିକା ଭିତ୍ତିରେ କେତେ ସଂଖ୍ୟକ କର୍ମଚାରୀ ନିଯୁକ୍ତି ହୋଇଛନ୍ତି, ସେମାନଙ୍କ ଦରମା, ଭତ୍ତା ଓ ଆନୁସଙ୍ଗୀକ ଖର୍ଚ୍ଚ ବାବଦରେ ଏବଂ ପ୍ରଶାସନିକ ବ୍ୟୟ ବାଦରେ ବାର୍ଷିକ କେତେ ଅର୍ଥ ବ୍ୟୟ ହେଉଛି (ଖ) ନିଗମ ତରଫରୁ ଖଣିଜ ଉତ୍ତୋଳନ ନିମନ୍ତେ ନିୟୋଜିତ କେଉଁ ଠିକାସଂସ୍ଥା କେଉଁ ଖଣିରେ କେଉଁ ବର୍ଗର କେତେ କର୍ମଚାରୀ ଠିକାଭିତ୍ତିରେ, ସ୍ଥାୟୀ ଭାବେ ନିଯୁକ୍ତି କରିଛନ୍ତି ତାର ଏକ ବିବରଣୀ ପ୍ରଦାନ କରିବେ କି, ଓଏମସିର କେଉଁ ଖଣିରେ କେଉଁ ବର୍ଷ କେତେ ଲାଭ ହୋଇଛି ଓ ସମ୍ପୃକ୍ତି ଖଣି ଅଞ୍ଚଳରେ ସିଏସଆର୍ ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି ତାର ବର୍ଷୱାରୀ 10 ବର୍ଷର ବିବରଣୀ ପ୍ରଦାନ କରିବେ କି ?

----

## କରୋନା ସମ୍ପର୍କିତ ଖର୍ଚ୍ଚର ବିବରଣୀ

216 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରୋନା ସଂକ୍ରମଣର ୩ଟି ଲହରର ମୁକାବିଲା ନିମନ୍ତେ ଏପର୍ଯ୍ୟନ୍ତ ରାଜକୋଷରୁ ମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ସେଥିରୁ ଭିତ୍ତିଭୂମି ଓ ଚିକିତ୍ସା ବିଲ୍ ବାବଦରେ କେଉଁ କେଉଁ ସ୍ୱାସ୍ଥ୍ୟକେନ୍ଦ୍ରକୁ କେତେ ଟଙ୍କା ଲେଖାଏଁ ଦିଆଯାଇଛି ଅନୁଷ୍ଠାନୱାରୀ ବିବରଣୀ ଦେବେ କି ?

----

## ଖଣି ଲିଜ୍ ସମ୍ପର୍କରେ ବିବରଣୀ

217 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଇ-ନିଲାମରେ ଖଣି ପାଉଥିବା ଲିଜଧାରୀଙ୍କ ମଧ୍ୟରୁ କେଉଁ ମାନେ ଧାର୍ଯ୍ୟ ଲକ୍ଷ୍ୟର ଖଣିଜ ଉତ୍ତୋଳନ କରିଛନ୍ତି ଓ କେଉଁ ମାନେ ବିଫଳ ହୋଇଛନ୍ତି ଏବଂ ଖିଲାପ କରିଥିବା ଲିଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଣ, ଖଣି କାର୍ଯ୍ୟ ଆରମ୍ଭ କରିନଥିବା ଲିଜଧାରୀଙ୍କ ମଧ୍ୟରୁ କେଉଁ ମାନେ ଖଣି ଲିଜ ବାତିଲ ସକାଶେ ଆବେଦନ କରିଛନ୍ତି ସବିଶେଷ ତଥ୍ୟ ଦେବେ କି ?

----

## ଡାକ୍ତର ନିଯୁକ୍ତି

218 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ମେଡିକାଲ କଲେଜଗୁଡିକରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦ ସଂଖ୍ୟା କେତେ ଏବଂ ସେଥିରୁ କେତେ ଖାଲି ପଡିଛି, ରାଜ୍ୟରେ କାର୍ଯ୍ୟକ୍ଷମ ସରକାରୀ ଓ ବେସରକାରୀ ମେଡିକାଲ କଲେଜଗୁଡିକରୁ ବର୍ଷକୁ କେତେ MBBS, BDS ଓ PG ଡାକ୍ତର ବାହାରିଛନ୍ତି ଏବଂ ରୋଗୀଙ୍କ ଅନୁପାତରେ ଡାକ୍ତରଙ୍କ ଜାତୀୟ ହାର ଲକ୍ଷ୍ୟ ପୂରଣ ପାଇଁ ଆଉ କେତେ ବର୍ଷ ଲାଗିବ ?

----

## GST ତଥ୍ୟ ପ୍ରଦାନ

219 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ GST ଲାଗୁ ହେଲା ଦିନଠାରୁ ରାଜ୍ୟ ସରକାର କେଉଁ ଆର୍ଥିକ ବର୍ଷରେ ଆଜିସୁଦ୍ଧା ମୋଟ କେତେ ରାଜସ୍ୱ (GST) ଆଦାୟ କରିଛନ୍ତି ବର୍ଷୱାରୀ ତଥ୍ୟ ଦେବେ କି, (ଖ) ସରକାରୀ ପ୍ରାୟୋଜିତ ଯୋଜନା ସାହାଯ୍ୟରେ ବ୍ୟବସାୟିକ ଅଭିବୃଦ୍ଧି କରି ରୋଜଗାରକ୍ଷମ ହେଉଥିବା ସଂସ୍ଥା ଓ ସରକାରୀ ପ୍ରୋତ୍ସାହନରେ ସରକାରୀ ସଂସ୍ଥାକୁ ଦ୍ରବ୍ୟ ଓ ସେବା ଯୋଗାଉଥିବା କେଉଁ ସଂସ୍ଥାମାନଙ୍କଠାରୁ ସରକାର GST ଲାଗୁ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ବର୍ଷୱାରୀ କେତେ GST ଆଦାୟ କରିଛନ୍ତି, ସେହି ସଂସ୍ଥାମାନଙ୍କର ଜିଲ୍ଲାୱାରୀ ତାଲିକା ଦେବେ କି ?

----

## ରାସ୍ତା ହସ୍ତାନ୍ତର ପ୍ରକ୍ରିୟା

220 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 14.01.2014 ତାରିଖଠାରୁ ପ୍ରସ୍ତାବିତ ସାଲେଭଟାଠାରୁ ଆଗଲପୁର ଓ ଆଗଲପୁରଠାରୁ ନଅଗାଁ- (କ) ଭାୟା ମହଖଣ୍ଡ ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ରାସ୍ତାର ହସ୍ତାନ୍ତରୀଣ ପ୍ରକ୍ରିୟା ସମ୍ବନ୍ଧରେ ଅଣତାରକା ପ୍ରଶ୍ନ ସଂଖ୍ୟା ୬୨୫/05.10.20, 247/23.11.20, 581/0୬.0୨.21 ର ଉତ୍ତରରେ ସରକାର ବିଧାନସଭାରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଗଲପୁର ବ୍ଲକର ଜୀବନରେଖା କୁହାଯାଉଥିବା ଏହି ରାସ୍ତାକୁ ଆଠ ବର୍ଷ ବିତିଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଅଧିଗ୍ରହଣ କରୁନାହିଁ ଓ ଏଥିରେ ସରକାରଙ୍କ ଆପତ୍ତି ଅଛି କି, କାରଣ ସହ ସ୍ପଷ୍ଟୀକରଣ ଦେବେ କି ?

----

## ଆଗଲପୁରରେ ଥାନା ପ୍ରତିଷ୍ଠା

221 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ଷୋଡଶ ବିଧାନସଭା 15.07.2019 ତାରିଖର ଅଣତାରକା ପ୍ରଶ୍ନ ସଂଖ୍ୟା 703 ର ଉତ୍ତରରେ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ନୂତନ ଥାନା ଖୋଲିବାରେ ବିଧି ସମ୍ମତ କୌଣସି ମାପକାଠିନାହିଁ, ସ୍ଥଳ ବିଶେଷରେ ସର୍ବସାଧାରଣଙ୍କ ଆବଶ୍ୟକତାକୁ ଆଧାରକରି ଥାନା ପ୍ରତିଷ୍ଠା କରାଯାଏ, ଯଦି ଥାନା ପ୍ରତିଷ୍ଠା କରିବା ପାଇଁ ବିଧି ନିର୍ଦ୍ଦିଷ୍ଟ ମାପକାଠି ନାହିଁ ତେବେ ଷୋଡଶ ବିଧାନସଭାର ଅଣତାରକା ପ୍ରଶ୍ନମାନଙ୍କର ଉତ୍ତରରେ ସରକାର ବାରମ୍ବାର ଉତ୍ତର ଅନୁଯାୟୀ ଆଗଲପୁର ଫାଣ୍ଡିକୁ ଥାନାରେ Up gradation କରିବା ପ୍ରସ୍ତାବ ବିଚାରାଧୀନ ଥିଲେ ସୁଦ୍ଧା ସରକାର, ଆଗଲପୁର ବ୍ଲକର ଜନସାଧାରଣଙ୍କ ଦାବୀ/ ଆବଶ୍ୟକତା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଉପେକ୍ଷା କରି କେଉଁ ଦୃଷ୍ଟିକୋଣରୁ ବର୍ଷ ବର୍ଷ ଧରି ଅନୁଧ୍ୟାନ କରୁଛନ୍ତି ତାର ସ୍ପଷ୍ଟୀକରଣ ଦେବେ କି, (ଖ) ଥାନା ବିହୀନ ଆଗଲପୁର ବ୍ଲକର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଗଲପୁର ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ସରକାରଙ୍କ ଆପତ୍ତି ଅଛି କି, ଯଦି ନା କେବେସୁଦ୍ଧା ଆଗଲପୁର ଥାନା ପ୍ରତିଷ୍ଠା କରାଯିବ ?

----

## ଖଣି ଉତ୍ତୋଳନ ପାଇଁ ପଦକ୍ଷେପ

222 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ଖଣିଜ ସମ୍ପଦ ମହଜୁଦ ଥିବା ସର୍ବେକ୍ଷଣ କରାଯାଇଛି, ଏହାର ଉତ୍ତୋଳନ ପଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବ୍ରାଉନସୁଗାର କାରବାର ବନ୍ଦ କରିବାକୁ ପଦକ୍ଷେପ

223 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ ରାଜ୍ୟରେ କେତେ ପରିମାଣର ବ୍ରାଉନସୁଗାର ଜବତ ହୋଇଛି ଓ ବ୍ରାଉନ୍ ସୁଗାର କାରବାରକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଆରକ୍ଷୀ ଅଧିକାରୀ ପଦବୀ ପୂରଣ

224 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କଳାକାଣ୍ଡି ଜିଲ୍ଲାରେ ଆରକ୍ଷୀ ବିଭାଗ ଅଧିନରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଆରକ୍ଷୀ ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଦେଶୀ ମଦର ଚୋରା କାରବାର ରୋକିବା ପାଇଁ ପଦକ୍ଷେପ

225 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନ ମଣ୍ଡଳୀର ଅନେକ ସ୍ଥାନରେ ଦେଶୀ ମଦର ଚୋରା କାରବାର ଚାଲିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ସନ୍ଧ୍ୟାପରେ ମଦ୍ୟପ ମାନଙ୍କ ଅସାମାଜିକ କାର୍ଯ୍ୟ କଳାପ ଯୋଗୁଁ ସ୍ଥାନୀୟ ବାସିନ୍ଦା ରାସ୍ତାରେ ଯାତାୟତ କରିବାକୁ ନିରାପଦ ମଣୁନାହାନ୍ତି ଏ ସମ୍ପର୍କରେ ବିଧାନସଭାରେ ଉଥାପନ କରିଥିଲେହେଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆନଯିବା ଦୁର୍ଭାଗ୍ୟ ଜନକ ଏଣୁ ମଦ ଚୋରା କାରବାର ରୋକିବା ସଙ୍ଗେ ସଙ୍ଗେ ସରକାରଙ୍କ ରାଜସ୍ୱ ବୃଦ୍ଧି ଦିଗରେ ପଦକ୍ଷେପ ନେବେ କି ?

----

## କଳାପଥର C.H.C ରେ ଟ୍ରାମା କେୟାର କେନ୍ଦ୍ର ଖୋଲିବା ନିମନ୍ତେ ପଦକ୍ଷେପ

226 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁ ସଂଖ୍ୟାରେ ମାଲବାହୀ ଟ୍ରକ ଏବଂ ଦୁରସ୍ଥାନରୁ ଆସୁଥିବା ଯାତ୍ରୀବାହୀ ବସ ଗୁଡିକ ଯାତାୟତ କାରଣରୁ ଅଧିକାଂଶ ସମୟରେ ଗାଡି ଦୁର୍ଘଟଣା କାରଣରୁ ଅନେକ ଲୋକ ଗୁରୁତର ଆଘାତ ପ୍ରାପ୍ତ ଅବସ୍ଥାରେ କଟକ କିମ୍ବା ଭୁବନେଶ୍ୱର ଡାକ୍ତରଖାନାକୁ ଆସିବାକୁ ବାଧ୍ୟ ହେଉଛନ୍ତି ବାଙ୍କୀ ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା କଳାପଥର C.H.C. ରେ ଗୋଟିଏ ଟ୍ରାମା କେୟାର କେନ୍ଦ୍ର ଖୋଲିବା ଦିଗରେ ପଦକ୍ଷେପ ନେବେ କି ?

----

## P.H.C/C.H.C ମାନଙ୍କରେ ଖାଲିପଡିଥିବା ପଦବୀ ପୂରଣ

227 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନମଣ୍ଡଳୀ ଅଧିନରେ C.H.C./P.H.C ଏବଂ S.D.H ରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ପୁରଣ ନହୋଇ ଖାଲି ପଡିଥିବା କାରଣରୁ ସବୁ ବିଭାଗରେ ବିଭାଗୀୟ ଡାକ୍ତର ନଥିବା କାରଣରୁ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି ଏହି କାରଣରୁ ଗରିବ ରୋଗୀ ନିକଟସ୍ଥ କଟକ କିମ୍ବା ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ଅନେକ ବ୍ୟୟ ବହନ କରିବାକୁ ବାଧ୍ୟ ହେଉଛନ୍ତି ଏଣୁ P.H.C/C.H.C ମାନଙ୍କରେ ଖାଲି ପଡିଥିବା ଡାକ୍ତର ଓ ଅଣ ଡାକ୍ତରି ପଦବୀ ଗୁଡିକ ପୁରଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## Appointment of Teaching and Non-Teaching Staff

228 **Dr. Pradeep Kumar Panigrahy (Gopalpur):**

Will the Minister for **Health and Family Welfare** be pleased to state that:-:- Detailed report about vacancy against sanctioned post of doctors, teaching, non-teaching in each medical college also CHC and PHC of Odisha and details of nursing homes registered and non-registered with bed capacity and

staff details ?

----

## Non-utilization of Fund

**229 Dr. Pradeep Kumar Panigrahy (Gopalpur):**

Will the Minister for **Works** be pleased to state that:-:- Year-wise all project with head-wise allocation fund to different division and utilization fund vs. non-utilization fund of each division with funding and project with escalated cost of each uncompleted project of different district to state with funding proposal of Gopalpur Assembly Constituency ?

----

## ଜମାକାରୀଙ୍କ ପଇସା ଫେରସ୍ତ ପାଇଁ ପଦକ୍ଷେପ

**230 ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- SAHARA INDIA PARIWAR ଓଡିଶାର ଗରିବ ଖଟିକିଆ ଜମାକାରୀ ମାନଙ୍କ ମେଚୁରୀଟି ପଇସା ଦେବାପାଇଁ ହଇରାଣ କରୁଛି ତା ଉପରେ କିଛି ପଦକ୍ଷେପ ନେବେ କି, ରାଜ୍ୟର ଚିଟଫଣ୍ଡ ଜମିକାରୀଙ୍କ ଅର୍ଥ କେବେ ସୁଦ୍ଧା ଫେରସ୍ତ ହବ କର୍ପସ ଫଣ୍ଡରେ କେତେ ଟଙ୍କା ଜମା ଅଛି ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଟ୍ରାଫିକ ସମସ୍ୟା ଦୂର ପାଇଁ ପଦକ୍ଷେପ

**231 ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସମ୍ବଲପୁର ଓ ରାଉରକେଲା କୁ Commission of Police କରିବେ ବୋଲି ଘୋଷଣା କରିଥିଲେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ, ସୁନ୍ଦରଗଡ ଓ ଝାରସୁଗୁଡା ସହରରେ ଟ୍ରାଫିକ ସମସ୍ୟା ପାଇଁ ଉକ୍ତମାନର ଟ୍ରାଫିକ ଲାଇଟ, କ୍ୟାମେରା ପ୍ରଚଳନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଛାତ୍ର ଛାତ୍ରୀଙ୍କୁ ନିଯୁକ୍ତି ପାଇଁ ପଦକ୍ଷେପ

**232 ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ବିଗତ 10 ବର୍ଷ ମଧ୍ୟରେ ପ୍ରତିଷ୍ଠିତ ସରକାରୀ ଓ ବେସରକାରୀ ବିଭିନ୍ନ ପ୍ରକାର ଫାର୍ମାସୀ, ନର୍ସିଂ ଓ ପାରାମେଡିକସ ଶିକ୍ଷାନୁଷ୍ଠାନ ମାନଙ୍କରୁ କେଉଁ ବର୍ଷ କେତେ ଜଣ ପାଶ୍ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେ ଜଣ ନିଯୁକ୍ତି ପାଇଛନ୍ତି ତାର ଅନୁଷ୍ଠାନୱାରୀ ତାଲିକା ପ୍ରଦାନ କରିବେ କି, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା କେଉଁ ବର୍ଗରୁ କେତେ ଜଣ ନିଯୁକ୍ତି ନପାଇ ବେକାର ବସିଛନ୍ତି ସେ ସମ୍ପର୍କରେ ସରକାରଙ୍କ ନିକଟରେ ତଥ୍ୟ ଅଛି କି, ଯଦି ଅଛି ତାହା ଜଣାଇବେ କି ; ଯଦି ନାହିଁ ତେବେ କେଉଁ ଆଧାରରେ ଅଧିକ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଉଛି ଦୀର୍ଘ ବର୍ଷ ଧରି କୌଣସି ନିଯୁକ୍ତି ନ ପାଇ ବେକାର ଥିବା ଛାତ୍ର ଛାତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି କେବେସୁଦ୍ଧା କେତେ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ?

----

## ଦୋଷୀ ଅଧିକରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

233 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- Performance Appraisal Report ସରକାରୀ ଅଧିକାରୀ ମାନେ କେଉଁ ଭିତ୍ତି ଓ ପଦ୍ଧତିରେ ତଥା କେଉଁ ନିୟମ ଅଧାରରେ ଦେବାର ନିୟମ କଣ ରହିଛି ଉଚ୍ଚପଦସ୍ଥ ଅଧିକରୀ ଅଧସ୍ତନ ଅଧିକାରୀମାନଙ୍କୁ ନିଜ ଇଛା ମୁତାବକ PAR ଦେବାକୁ ବାଧ୍ୟ କରିପାରିବେ କି ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟ ଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ ଦାଖଲ କରାନଯାଇ ଭେଷଜ ନିୟନ୍ତ୍ରକ ବିଭାଗର କେଉଁ କେଉଁ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି ଏବଂ କେଉଁ ଯୋଗ୍ୟ ଅଧିକାରୀମାନେ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି ତାହା ଜଣାଇବେ କି ବେଆଇନ ଭାବେ ନୀତି ନିୟମ ଉଲ୍ଲଘଂନ କରାଯାଇ ବିଭାଗୀୟ ପଦୋନ୍ନତି ସମ୍ପର୍କୀୟ ନଥିରେ PAR ସମ୍ପର୍କରେ ଭୁଲ୍ ତର୍ଜମା କରି ତଥା ଚଞ୍ଚକତା କରି ପଦୋନ୍ନତି ଦିଆଯାଇଥିବା ସମ୍ପର୍କରେ ତଦନ୍ତ କରି ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ସେବା ପୁସ୍ତିକାରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତଥ୍ୟ ପ୍ରଦାନ

234 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ପ୍ରତ୍ୟେକ ସରକାରୀ କର୍ମଚାରୀ "ସେବା ପୁସ୍ତିକା" ରେ ପ୍ରତ୍ୟେକ ବାର୍ଷିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମସ୍ତ ତଥ୍ୟ ଉଲ୍ଲେଖ ହେବାର ବ୍ୟବସ୍ଥା କରିବେ କି ?

----

## Detail list of residential/Commercial Plots

235 **Shri. Shankar Oram (Biramitrapur):**

Will the **Chief Minister** be pleased to state that:-:- The Detail list of residential/commercial plots along with name of the allotted to different

lessees by G.A. & P.G. Department in different mouzas Laxmisagar, Jharpara, Goutam Nagar and Budha Nagar forest park may be furnished ?

----

**Number of applications received by the G.A. & P.G. Department**

**236 Shri. Parsuram Dhada (Soro):**

Will the **Chief Minister** be pleased to state that:-:- How many conversion applications as well as mutation applications received by the G.A. & P.G Department from different lessees in different Drawing Nos of different mouzas within BMC area through online from 1st January, 2018 to as on date, out of the application how many conversion and mutation have been allowed the detail information of the plots with drawing nos. date of applications and date of conversion and mutation accorded there of along with name of he applicants with their address in the above matter in the said period may be furnished ?

----

## ଖଣି ଦୁର୍ନିତୀ

**237 ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯୋଡା ଓ କେଉଁଝରର ଖଣି କେଳଙ୍କାରୀ ଉପରେ ମାନ୍ୟବର Supreme Court ଙ୍କ ଆଦେଶାନୁଯାୟୀ ଗଠିତ Central Empower Committee ରେ ଶାହା କମିଶନ ଙ୍କ report ଅନୁଯାୟୀ ଖଣି ଦୁର୍ନିତୀ ହୋଇଥିବା ସତ୍ୟ ଅଟେ କି ଉତ୍ତର 'ହଁ' ହେଲେ ତାଙ୍କ ରିପୋର୍ଟ ଅନୁସାରେ କେବଳ ଖଣି ଅଧିକାରୀ ମାନେ ଏଥିରେ ସମ୍ପୃକ୍ତ ଥିଲେ ନାଁ ଅନ୍ୟମାନେ ତଥା Police, R.T.O. Forest ଅଧିକାରୀ ତଥା State pollution ଅଧିକାରୀ ତଥା Central Government ଅଧିନରେ ଥିବା ISM ଅଧିକାରୀ ମାନଙ୍କୁ Clean Cheat ମିଳିଥିଲାକି, ଏ ସମସ୍ତ ତଥ୍ୟ ଗୃହରେ ପ୍ରଦାନ କରିବା ସହ ବର୍ତ୍ତମାନ ଖଣି ନିର୍ଦ୍ଦେଶାଳୟରେ ଅବସ୍ଥାପିତ USP, J.D.M ତଥା Addl. Director, Director ମାନଙ୍କର ସମ୍ପତ୍ତି ତାଲିକା ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----